ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.25 . No.180 Bhubaneswar Saturday September 03 2022 | ୨୫ତମ ବର୍ଷ ସଂଖ୍ୟା–୧୮୦ ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୦୩, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS




ସ୍ୱାଧୀନତାର ୭୫ବର୍ଷ ପୂରଣ ଅବସରରେ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୋଭାଯାତ୍ରା ଅନୁଷ୍ଠିତ

## ଆସୁଛି ୨ ଟି ଲଘୁଚାପ

ଭୁବନେଶ୍ୱର, ୨।୯(ପି.ଏନ): ଆଗକୁ ଆସୁଛି ଦୁଇ ଦୁଇଟି ଲଘୁଚାପ। ଏଥିମଧ୍ୟରୁ ଚଳିତ ମାସ ପ୍ରଥମ ସପ୍ତାହ ଅର୍ଥାତ ସେପ୍ଟେମ୍ବର ୨ରୁ ୮ ତାରିଖ ମଧ୍ୟରେ ପ୍ରଥମ ଲଘୁଚାପ ଓ ଦ୍ୱିତୀୟଟି ସେପ୍ଟେମ୍ବର ୯ରୁ ୧୫ ମଧ୍ୟରେ ସୃଷ୍ଟି ହେବ। ଏହାର ପ୍ରଭାବରେ ୫ ତାରିଖରୁ ବର୍ଷାର ପରିମାଣ ବଢ଼ିବ। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ପାଣିପାଗ ବିଶେଷଜ୍ଞ ଉମାଶଙ୍କର ଦାସ ଏହି ସୂଚନା ଦେଇଛନ୍ତି।ସେ କହିଛନ୍ତି, ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ତାର ପାର୍ଶ୍ୱବର୍ତୀ ଅଂଚଳରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଜୁନ ୧ରୁ ଅଗଷ୍ଟ ୨ ତାରିଖ ମଧ୍ୟରେ ୬% ଅଧିକ ବର୍ଷା ହୋଇଛି। ଏହି ସମୟରେ ୬ଟି ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ଏବଂ ୨୪ ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଛି।ବର୍ତମାନ ମୌସୁମୀ ନିମ୍ନଚାପ ରେଖା କ୍ରମଶଃ ଦକ୍ଷିଣମୁଁହା ହେଉଛି। ରାଜ୍ୟରେ ଦୁର୍ବଳ ମୌସୁମୀ ପ୍ରବାହ ଜାରି ରହିଛି। ଏହାର ପ୍ରଭାବରେ ଉଚ୍ଚ ତାପମାତ୍ରା ଏବଂ ଆଦ୍ରତା ପ୍ରଭାବରେ ଉପକୂଳ ସମେତ ବିଭିନ୍ନ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ଗୁଳୁଗୁଳି ଜାରି ରହିଛି। ଆହୁରି ୩ ଦିନ ଏହି ସ୍ଥିତି ଲାଗି ରହିବ ବୋଲି ସେ କହିଛନ୍ତି।

## ଭିଜିଲାନ୍ସ ଜାଲରେ ବେଗୁନିଆପଡା ବ୍ଲକ କନିଷ୍ଠ ଯନ୍ତ୍ରୀ

ଗଞ୍ଜାମ, ୨।୯(ପି.ଏନ): ଗଞ୍ଜାମ ଜିଲ୍ଲା ବେଗୁନିଆପଡା ଅଂଚଳରେ ଏକ ମାସ ମଧ୍ୟରେ ଦୁଇ ଦୁଇ ଥର ଭିଜିଲାନ୍ସ ଟିମ୍ ଚଢ଼ଉ କରିଛି । କିଛିଦିନ ପୂର୍ବେ ଜଣେ ରାଜସ୍ୱ ନିରୀକ୍ଷକ ଲାଂଚ ନେବା ବେଳେ ଭିଜିଲାନ୍ସ ତାଙ୍କୁ କାବୁ କାରିବାରେ ସଫଳ ହୋଇଥିବା ବେଳେ ଆଜି ପୁଣି ଥରେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ବେଗୁନିଆପଡା ବ୍ଲକର କନିଷ୍ଠ ଯନ୍ତ୍ରୀ ସୁଧାଂଶୁ କୁମାର ମଲ୍ଲିକ।

# ପୋକ୍ସୋ କୋର୍ଟ ବିଚାରପତିଙ୍କ ଆତ୍ମହତ୍ୟା

କଟକ/ ଭୁବନେଶ୍ୱର, ୨।୯(ପି.ଏନ): କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ସୁବାସ କୁମାର ବିହାରୀ ଆତ୍ମହତ୍ୟା କରିଛନ୍ତି। ଶୁକ୍ରବାର କଟକର ସିଡିଏ ସେକ୍ଟର – ୯ ସ୍ଥିତ ସରକାରୀ ଘରେ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ସିଡିଏର ଏକ ଘରୋଇ ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଛି। ତାଙ୍କ ମୃତଦେହକୁ ସେଠାରୁ କଟକ ବଡ଼ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ନିଆଯାଇଛି। ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଥିବାବେଳେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି । ସୂଚନା ଅନୁଯାୟୀ ବିଚାରପତି ଜଣକ ୨ ଦିନ ହେବ ଛୁଟିରେ ଥିଲେ । ଆଜି ଛୁଟି ସରୁଥିବା ବେଳେ ଷ୍ଟେନୋଙ୍କୁ ଫୋନ୍ କରି ପୁଣି ଥରେ ଛୁଟିରେ ରହିବେ ବୋଲି କହିଥିଲେ। ଘରେ କେହି ନଥିବା ବେଳେ ସେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ତାଙ୍କ ପତ୍ନୀ ଓ ଦୁଇ ଝିଅ ବଜାର ଯାଇଥିଲେ। ସେହିପରି ତାଙ୍କ ଅର୍ଡର୍ଲି ୧୨ଟା ବେଳେ କାମ ଶେଷ କରି ଚାଲି ଯାଇଥିଲେ। ତାଙ୍କ ପତ୍ନୀ ଓ ଝିଅମାନେ ବଜାରରୁ ଫେରିବା ପରେ କବାଟ ବାଡ଼େଇଥିଲେ। ଭିତର ପଟରୁ କୌଣସି ଉତର ନଆସିବାରୁ ସେମାନେ ଅର୍ଡର୍ଲିଙ୍କୁ ଡକାଇଥିଲେ। ଏହା ପରେ କବାଟ ଭଙ୍ଗା ଯାଇଥିଲା। କବାଟ ଭାଙ୍ଗି ଭିତରେ ପଶିବା ପରେ ସେମାନେ ବିଚାରପତିଙ୍କୁ ଫ୍ୟାନ୍ ରେ ଝୁଲନ୍ତା ଅବସ୍ଥାରେ ପାଇଥିଲେ। ତାଙ୍କୁ ତଳକୁ ଓହ୍ଲାଇ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।ଏସିପି ତାପସ ପ୍ରଧାନ କହିଛନ୍ତି, ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ଲାଗୁଛି। ତାଙ୍କ ବେକରେ ଦାଗ ଓ ଆଂଚୁଡ଼ା ଚିହ୍ନ ରହିଛି। ସାଧାରଣତଃ ଝୁଲିପଡ଼ି ଆତ୍ମହତ୍ୟା କଲେ ଏଭଳି ଦାଗ ସୃଷ୍ଟି ହୋଇଥାଏ। ଘଟଣାସ୍ଥଳରୁ ଏକ ରଶି ମିଳିଛି। ତାକୁ ଜବତ କରାଯାଇଛି ଓ ପରୀକ୍ଷା ପାଇଁ ପଠାଯିବ। ସାଇଂଟିଫିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ଯାଂଚ କରିଛି। ତାଙ୍କ ମୃତଦେହକୁ ଯାଂଚ କରାଯାଉଛି। ଏବେ ତାଙ୍କ ପରିବାର ଲୋକଙ୍କ ସହିତ ଆଲୋଚନା କଲା ଭଳି ସ୍ଥିତି ନାହିଁ। ତେଣୁ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ତଦନ୍ତ କରାଯାଉଛି।

# ୪ ଦିନିଆ ପୁଲିସ ହେପାଜତକୁ ଗଲେ ଦୁଷ୍କର୍ମ ଅଭିଯୁକ୍ତ ବାବା



ବେଙ୍ଗାଲୁର.୨।୯(ପି.ଏନ): କର୍ଣ୍ଣାଟକର ପ୍ରଭାବଶାଳୀ ବାବା ତଥା ଲିଙ୍ଗାୟତ ସମ୍ପ୍ରଦାୟର ସାଧୁ ଶିବମୂର୍ତ୍ତି ମୁରୁଗା ଶରାନାରୁଙ୍କୁ ୪ ଦିନିଆ ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି କୋର୍ଟ। ଦୁଷ୍କର୍ମ ଅଭିଯୋଗରେ ଗତକାଲି ତାଙ୍କୁ ଗିରଫ କରାଯାଇଥିଲା। ଆଜି ତାଙ୍କୁ ହୁଇଲ ଚେୟାରରେ କୋର୍ଟରେ ହାଜର କରାଯାଇଥିଲା। ବେଙ୍ଗାଲୁରୁଠାରୁ ୨୦୦ କିମି ଦୂର ଚିତ୍ରଦୁର୍ଗାର ଏକ ହସପିଟାଲରୁ ତାଙ୍କୁ ଅଣାଇଯାଇ ଥିଲା। ଶରୀର ଅସୁସ୍ଥ ଯୋଗୁ ଆଜି ସକାଳେ ତାଙ୍କୁ ମେଡିକାଲରେ ଭର୍ତି କରାଯାଇ ଥିଲା। ଅଭିଯୁକ୍ତ ବାବାଙ୍କୁ ପଚ଼ରାଉଚ଼ରା ପାଇଁ ପୁଲିସ ୫ ଦିନିଆ ରିମାଣ୍ଡ ଆବେଦନ କରିଥିଲା ସେହିପରି ବାବାଙ୍କୁ ଜେଲରୁ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ସମ୍ପର୍କରେ କୋର୍ଟଙ୍କୁ ଅବଗତ କରାଯାଇ ନଥିବାରୁ ବିରକ୍ତି ପ୍ରକାଶ କରିଥିଲେ। ଏଥିସହ ଜେଲ କର୍ତୃପକ୍ଷଙ୍କୁ ବାବାଙ୍କ ମେଡିକାଲ ରିପୋର୍ଟ ଦାଖଲ କରିବାକୁ କୋର୍ଟ କହିଛନ୍ତି ।ଏହି ଘଟଣାରା ରଶ୍ମି ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ବେଳେ ଅନ୍ୟ ୩ ଜଣ ଫେରାର ଅଛନ୍ତି। ୬୪ ବର୍ଷୀୟ ଶିବମୂର୍ତ୍ତି ମୁରୁଗା ଶରାନାରୁ ଲିଙ୍ଗାୟତ ସମ୍ପ୍ରଦାୟର ଜଣେ ପ୍ରମୁଖ ଚେହେରା। ଦୁଇ ଜଣ ନାବାଳିକା ବାବାଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ ଆଣିଥିଲେ। ୬ ଦିନ ତଳେ ବାବାଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଗତ ସପ୍ତାହରେ ଚିତ୍ରଦୁର୍ଗା ସ୍ଥିତ ଏକ ମୁରାଘାରାଜେନ୍ଦ୍ର ମଠ ବିଦ୍ୟାଳୟରେ ପଢୁଥିବା ଏବଂ ଏହାର ହଷ୍ଟେଲରେ ରହୁଥିବା ୧୪ ଏବଂ ୧୬ ବର୍ଷ ବୟସର ଦୁଇ ନାବାଳିକାଙ୍କୁ ଗତ ତିନି ବର୍ଷ ଧରି ସାଧୁ ଯୌନ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ଏବଂ ଏହି ଅଭିଯୋଗ ଆଧାରରେ, ଏକ ଏଫଆଇଆର ମଧ ଦାଖଲ କରାଯାଇଥିଲା। ଯୌନ ଅପରାଧରୁ ଶିଶୁଙ୍କ ସୁରକ୍ଷା (ପୋକ୍ସୋ) ଅଧିନିୟମର କଠୋର ବ୍ୟବସ୍ଥା ଅନୁଯାୟୀ ସାଧୁଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏହା ପରେ ଦୁଇ ପୀଡିତାଙ୍କ ବିବୃତ୍ତି ଜଣେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ରେକର୍ଡ, କରାଯିବା ସହ ପୀଡିତାଙ୍କ ଡାକ୍ତରୀ ପରୀକ୍ଷା ମଧ କରାଯାଇଥିଲା।

# ଫୁଙ୍ଗୁଳା ସ୍ୱାସ୍ଥ୍ୟସେବା: ମାସକରେ ଚାକିରି ଛାଡିଲେଣି ୬ ଡାକ୍ତର, କାରଣ ଅସ୍ପଷ୍ଟ



ଭୁବନେଶ୍ୱର ,୨।୯(ପି.ଏନ): ରାଜ୍ୟରେ ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମିକୁ ନେଇ ମାତ୍ରାଧିକ ପ୍ରଚ଼ାର କରି ବାହାବା ନେଉଥିବା ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ଗତ ମାସକ ମଧ୍ୟରେ ୬ଜଣ ଡାକ୍ତର ସରକାରୀ ଚ଼ାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଛନ୍ତି । ରାଜ୍ୟରେ ଡାକ୍ତର ସଙ୍କଟ ଲାଗି ରହିଥିଲେ ମଧ ଏହି ଡାକ୍ତରମାନେ କେଉଁ ପରିସ୍ଥିତିରେ ଚ଼ାକିରି ଛାଡିବାକୁ ଆବେଦନ କଲେ ଓ ସରକାର ଏଥିପାଇଁ ଅନୁମତି ଦେଲେ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି ।ମିଳିଥିବା ସୂଚ଼ନା ଅନୁସାରେ, କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଆସୋସିଏଟ୍ ପ୍ରଫେସର ଥିବା ବିଧୁଭୂଷଣ ମହାନ୍ତି ନିଜର ସ୍ୱାସ୍ଥ୍ୟଜନିତ କାରଣ ଦର୍ଶାଇ ସରକାରୀ ଚ଼ାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଛନ୍ତି । ଏଥିପାଇଁ ରାଜ୍ୟ ସରକାର ତାଙ୍କୁ ଅନୁମତି ଦେଇଛନ୍ତି । ଡାକ୍ତର ମହାନ୍ତି କୋରାପୁଟ ମେଡିକାଲ କଲେଜରେ ଆନାସ୍ଥାଲୋଜି ବିଭାଗରେ ଆସୋସିଏଟ୍ ପ୍ରଫେସର ଥିଲେ । ଯଦିଓ ଏହି ମେଡିକାଲ କଲେଜରେ ୫ଟି ପ୍ରଫେସର ପଦବୀ ଓ ଅନ୍ୟ ୧୪ଟି ବିଭାଗରେ ଶିକ୍ଷକ ପଦବୀ ଖାଲି ପଡିଛି । ତଥାପି ରାଜ୍ୟ ସରକାର ଡାକ୍ତର ମହାନ୍ତିଙ୍କୁ ଚ଼ାକିରିରୁ ଅବସର ନେବାକୁ ଅନୁମତି ଦେଇଛନ୍ତି ।ସେହିପରି ରାଜ୍ୟ ଖାଦ୍ୟ ନିରାପତ୍ତା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ଡାକ୍ତର ପ୍ରଦୀପ କୁମାର ମହାପାତ୍ର, ବଲାଙ୍ଗିର ଜିଲ୍ଲା ହସ୍ପିଟାଲରେ ପ୍ରସୂତୀ ବିଶେଷଜ୍ଞ ଡାକ୍ତର ପୁଷ୍ପାଞ୍ଜଳି ମିଶ୍ର, ପଦ୍ମପୁରସ୍ଥିତ ସବଡିଭିଜିନାଲ ହସ୍ପିଟାଲର ଡାକ୍ତର ତହସିଲ ସାହୁ, ଅନୁଗୁଳ ଜିଲ୍ଲା ହସ୍ପିଟାଲର ଆନାସ୍ଥସିଆ ବିଶେଷଜ୍ଞ ଡାକ୍ତର ଅରୁଣ କୁମାର ସାହୁ ଓ ବାରିପଦା ଜିଲ୍ଲା ହସ୍ପିଟାଲର ମେଡିସିନ୍ ଡାକ୍ତର ଉମାରାଣୀ ଆଚ଼ାର୍ଯ୍ୟଙ୍କୁ ସ୍ୱେଚ୍ଛାକୃତ ଭାବେ ଚ଼ାକିରିରୁ ଅବସର ନେବାକୁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହି ସମସ୍ତ ଡାକ୍ତର ଅଗଷ୍ଟ ମାସରେ ସରକାରୀ ଚ଼ାକିରି ଛାଡିଛନ୍ତି । ତେବେ ଏହି ଡାକ୍ତରମାନେ କେଉଁ କାରଣରୁ ସରକାରୀ ଚ଼ାକିରିରୁ ଅବ୍ୟାହତି ନେଇଛନ୍ତି ତାହା ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିନି । ରାଜ୍ୟରେ ଡାକ୍ତର ଅଭାବ ଓ ରୋଗୀ ସେବାରେ ଆବଶ୍ୟକ ଅନୁପାତରେ ଡାକ୍ତର ନଥିବାବେଳେ ଯେଉଁ ଡାକ୍ତରମାନେ ରହିଛନ୍ତି ସେମାନେ କେଉଁ କାରଣରୁ ଚ଼ାକିରି ଛାଡୁଛନ୍ତି ସେ ନେଇ ସ୍ୱାସ୍ଥ୍ୟ ବିଭାଗ ନିରବ ରହିଛି ।ଉଲ୍ଲେଖଯୋଗ୍ୟ, ରାଜ୍ୟରେ ମେଡିକାଲ କଲେଜଠୁ ଆରମ୍ଭ କରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ମୋଟ ୧୮୪୭ଟି ହସ୍ପିଟାଲ ଥିବାବେଳେ ଏସବୁରେ ମୋଟ ୮୭୫୦ଟି ପଞ୍ଜିକୃତ ଡାକ୍ତର ପଦବୀ ଥିବାବେଳେ ଏବେ ଏଥିରୁ ୧୯୭୫ଟି ଡାକ୍ତରୀ ପଦ ଖାଲି ପଡିଛି । ଯଦିଓ ଗତ ୩ବର୍ଷ ମଧ୍ୟରେ ରାଜ୍ୟରେ ଥିବା ସରକାରୀ ଓ ଘରୋଇ ମେଡିକାଲ କଲେଜରୁ ମୋଟ ୨୪୨୩ଜଣ ଛାତ୍ରଛାତ୍ରୀ ଡାକ୍ତରୀ ଶିକ୍ଷା ସଫଳତାର ସହ ସମାପ୍ତ କରିଛନ୍ତି । ସେମାନଙ୍କ ମଧ୍ୟରୁ ୨୦୧୯ରେ ୧୪୦୩, ୨୦୨୦ରେ ୭୬୩, ୨୦୨୧ରେ ୮୧ଜଣ ଓ ୨୦୨୨ରେ ୩୫୮ଜଣଙ୍କୁ ଓଡିଶା ଲୋକସେବା ଆୟୋଗ ମାଧ୍ୟମରେ ରାଜ୍ୟ ସରକାର ସରକାରୀ ମେଡିକାଲରେ ଡାକ୍ତର ଭାବେ ନିଯୁକ୍ତି ଦେଇଛନ୍ତି ।ପ୍ରଶ୍ନ ଉଠୁଛି, ରାଜ୍ୟରେ ରୋଗୀ ଅନୁପାତରେ ଡାକ୍ତରୀ ନଥିବା ତଥା ପଞ୍ଜିକୃତ ପ୍ରାୟ ୨ହଜାର ଡାକ୍ତରୀ ପଦବୀ ଖାଲି ପଡିଥିବା ସତ୍ତ୍ୱେ ରାଜ୍ୟ ସରକାର କେଉଁ କାରଣରୁ ଏହି ଡାକ୍ତରମାନଙ୍କୁ ସ୍ୱେଚ୍ଛାକୃତ ଅବସର ନେବାକୁ ଅନୁମତି ଦେଉଛନ୍ତି । ଗୋଟିଏ ପଟେ ପିଜି ଓ ମେଡିକାଲ କଲେଜ ହସ୍ପିଟାଲରୁ କୃତକାର୍ଯ୍ୟ ହେଉଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସମାପ୍ତି ପରେ ପୋଷ୍ଟ ପିଜି ବଣ୍ଡ ମାଧ୍ୟମରେ ଓଡିଶା ସରକାରଙ୍କ ଅଧୀନରେ ୨ବର୍ଷ ବାଧ୍ୟତାମୂଳକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାର ପ୍ରାବଧାନ ରହିଥିଲା ବେଳେ ବରିଷ୍ଠ ଡାକ୍ତରମାନେ ସ୍ୱେଚ୍ଛାକୃତ ଅବସର ନେବା ରାଜ୍ୟ ସରକାର ଡାକ୍ତରୀ ନିଯୁକ୍ତି ନୀତି ଉପରେ ପ୍ରଶ୍ନବାଚ଼ୀ ସୃଷ୍ଟି କରିଛି ।ସେହିପରି ରାଜ୍ୟରେ ମୋଟ ୬୨୦ଟି ଆୟୁର୍ବେ ?ଦିକ ଡାକ୍ତରଖାନା ଥିବାବେଳେ ଏଥିରେ ମୋଟ ୩୭୩ଟି ଡାକ୍ତର କାର୍ଯ୍ୟରତ ଅଛନ୍ତି । ଅଧିକାଂଶ ଆୟୁର୍ବେ ?ଦିକ ଡାକ୍ତରଖାନା ବିନା ଡାକ୍ତରରେ ଚ଼ାଲିଛି । ଆଉ ରାଜ୍ୟ ସରକାର ଏସବୁ ଆୟୁର୍ବେ ?ଦିକ ଡାକ୍ତରଖାନାକୁ ବାର୍ଷିକ ୧.୩୮କୋଟି ଟଙ୍କାର ଔଷଧ ମାଗଣାରେ ଦେଉଛନ୍ତି । ଡାକ୍ତର ନଥିବାବେଳେ ଏସବୁ ଔଷଧ କିଏ ନେଉଛି ଓ କାହା ସ୍ୱାର୍ଥରେ ଲାଗିଛି ତାହା ବି ସ୍ୱାସ୍ଥ୍ୟ ବିଭାଗର ବେପରୁଆ ନୀତିକୁ ପଦାରେ ପକାଇଛି ।

## କାଲିଠୁ ସ୍ପେଶାଲ ଓଜେଇଇ

ଭୁବନେଶ୍ୱର, ୨।୯(ପି.ଏନ): ସେପ୍ଟେମ୍ବର ୩ (ଶନିବାର) ଠାରୁ ସ୍ୱତନ୍ତ୍ର ଓଜେଇଇ ଅନୁଷ୍ଠିତ ହେବ। ସେପ୍ଟେମ୍ବର ୩,୪ ଓ ୭ ତାରିଖରେ ଏମବିଏ, ବି ଟେକ୍, ବି ଫାର୍ମା ବିଭାଗର ପରୀକ୍ଷା ହେବ। ସକାଳ ୯ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୫ ଟାରେଶେଷ ହେବ ପରୀକ୍ଷା। ୪ଟି ସିଫ୍ଟରେ ପରୀକ୍ଷାର୍ଥୀ ଦେବେ ପରୀକ୍ଷା। ସିବିଟି ବା କମ୍ପ୍ୟୁଟର ବେସଡ ଟେଷ୍ଟ ମାଧ୍ୟମରେ ପରୀକ୍ଷା ହେବ। ମୋଟ ୨୮,୬୨୦ ଜଣ ପରୀକ୍ଷାର୍ଥୀ ସ୍ପେଶାଲ ଓଜେଇଇ ଦେବେ। ଏହି ପରୀକ୍ଷା ଓଡ଼ିଶାର ୨୮ଟି ସହରରେ ୩୮ କେନ୍ଦ୍ରରେ ଅନୁଷ୍ଠିତ ହେବ। ଓଡିଶା ବାହାରେ ୩ ଟି ସହର ଯଥା କୋଲକାତା, ରାଂଚି ଏବଂ ପାଟନାରେ ମଧ କେନ୍ଦ୍ର କରାଯାଇଛି। ପ୍ରାର୍ଥୀମାନେ ସେମାନଙ୍କର ଆବେଦନ ନମ୍ବର ଏବଂ ଜନ୍ମ ତାରିଖ ବ୍ୟବହାର କରି ଓଜେଇଇ ୱେବସାଇଟରୁ ସେମାନଙ୍କର ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ଏନେଇ ଓଜେଇଇ ଅଧକ୍ଷ ସୁଦିପ କୁମାର ଚାନ୍ଦ ସୂଚନା ଦେଇଛନ୍ତି।

# ଗରିବ ଅସହାୟଙ୍କ ପାଇଁ ସରକାରୀ ଯୋଜନା ପ୍ରହସନ, ପଲିଥିନ ତଳେ ବିତୁଛି ମା ପୁଅଙ୍କ ଜୀବନ

ମାଲକାନଗିରି, ୨।୯(ପି.ଏନ): ରାଜ୍ୟ ସରକାରଙ୍କ ବିଭିନ୍ନ ଗରିବ , ଆଦିବାସୀ ଯୋଜନାରେ ବହୁ ଲୋକ ଉପକୃତ ହେଉଥିବା ଡିଣ୍ଡିମ ପିଟୁଥିବା ବେଳେ ଦୀର୍ଘ ବର୍ଷ ଧରି ଭଙ୍ଗା କୁଡିଆରେ ବସବାସ କରୁଥିବା ବହୁ ଗରିବ ଲୋକ ଏହି ଯୋଜନାରୁ ବଂଚିତ ହେଉଛନ୍ତି । ରାଜ୍ୟ ସରକାରଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ କରି ଯୋଗାଇ ଦେବାର ଥିବାବେଳେ ଏବେ ଜାଗା ମିଶନ ଯୋଜନାରେ ଭୂମିହୀନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯିବାର ଯୋଜନା ଥିବାବେଳେ ଏଥିରୁ ବହୁ ଲୋକ ବର୍ତମାନ ସୁଦ୍ଧା ବଂଚିତ ଅଛନ୍ତି । ଏହା କୌଣସି ଗ୍ରାମାଚଂଳରେ ନୁହେଁ ଖୋଦ ଜିଲ୍ଲା ସଦର ମହକୁମାରେ ଦେଖିବାକୁ ମିଳିଛି । ଜିଲ୍ଲା ସଦର ମହକୁମା ମାଲକାନଗିରି ପୌର ପରିଷଦ ଅଧୀନସ୍ଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟ ରାସ୍ତା କଡରେ ବସବାସ କରୁଥିବା ଏମ.ଲକ୍ଷ୍ମୀ ( ୭୫ ) ନାମକ ବୃଦ୍ଧା ଓ ତାଙ୍କ ପୁଅ ଏମ. ବାଲା ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ସଦର ମହକୁମାରେ ବସବାସ କରି ଆସୁଥିଲେ ସୁଦ୍ଧା ସରକାରଙ୍କ ଯୋଜନାରୁ ବଂଚିତ ହୋଇଛନ୍ତି । ତେବେ ଗୋଟିଏ ପଟେ ଏମ . ଲକ୍ଷ୍ମୀ ବୃଦ୍ଧା ହୋଇଥିବା ବେଳେ ପୁଅ ଭିନ୍ନକ୍ଷମ । ଦୁହେଁ ଗୋଟିଏ ଛୋଟ ପଲିଥିନ ଘରେ ବସବାସ କରୁଛନ୍ତି । ଯଦିଓ ଏମାନେ କିଛି ସରକାରୀ ଯୋଜନା ପାଉଛନ୍ତି ତାହା କେବଳ ୧୦ କେଜି ଚାଉଳ ଓ ୫୦୦ ଟଙ୍କା ଭତା । ଯେଉଁଥିରେ ଏମାନେ ଚଳିବା ଅତ୍ୟନ୍ତ କଷ୍ଟଦାୟକ । ଏପରି ପରିସ୍ଥିତିରେ ଏହି ଦୁଇଜଣ ଗୋଟିଏ ଓଳି ଖାଇଲେ ଆର ଓଳି ଉପାସରେ ରହିବାକୁ ପଡୁଛି ବୋଲି ବୃଦ୍ଧା ଲକ୍ଷ୍ମୀ ଦୁଃଖଭରା କଣ୍ଠରେ ପ୍ରକାଶ କରିଛନ୍ତି । ଏଥିରୁ ସ୍ପଷ୍ଟ ବାରି ହେଉଛି, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜାଗା ମିଶନ ସମ୍ପୂର୍ଣ୍ଣ ଫେଲ ମାରିଛି । ଦୀପ ତଳ ଅନ୍ଧାର ପରି ମାଲକାନଗିରି ସଦର ମହକୁମା ପୌର ପରିଷଦ କାର୍ଯ୍ୟାଳୟରୁ ମାତ୍ର ୨୦୦ ମିଟର ଦୂରରେ ଯଦି ଏପରି ପରିସ୍ଥିତି ତେବେ ମାଲକାନଗିରି ସଦର ମହକୁମାର ୧୯ ଟି ୱାର୍ଡରେ ଏହି ଯୋଜନା କିପରି କାର୍ଯ୍ୟକାରୀ ହେଉଛି ତାହା ସହଜେ ଅନୁମେୟ । ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଜିଲ୍ଲା ସଦର ମହକୁମାରେ ଥିବା ଏପରି ଗରିବ ଲୋକମାନଙ୍କୁ ଚିହ୍ନଟ କରି ତୁରନ୍ତ ସମସ୍ତ ଯୋଜନାରେ ଏମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଡିଜି ଓ ମୁଖ୍ୟ ସଚ଼ିବ ପାହ୍ୟା ଦେଇ ତୁଷ୍ଟୀକରଣ, ମନମୁଖୀ ଆବଣ୍ଟନ




ଭୁବନେଶ୍ୱର,୨।୯(ପି.ଏନ): ରାଜ୍ୟରେ ଆଇଏଏସ୍ ଓ ଆଇପିଏସ୍ କ୍ୟାଡର ପରିଚ଼ାଳନାଗତ ତ୍ରୁଟି ଦୀର୍ଘ କିଛିବର୍ଷ ଧରି ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଜଣେ ଲେଖାଏଁ ଅଫିସରଙ୍କ ଉପରେ ୪ରୁ ୫ ଦାୟିତ୍ୱ, ଗୋଟିଏ ଲେଖାଏଁ ପଦବୀରେ ୧୦ବର୍ଷ ଧରି ରହିବା, କିଛି ହାତଗଣତି ଅଫିସରଙ୍କୁ ମାତ୍ରାଧିକ ଗୁରୁତ୍ୱ ଦେଇ ଅନ୍ୟମାନଙ୍କୁ ଅଣଦେଖା କରିବା ଭଳି ନୀତି ଯୋଗୁ ରାଜ୍ୟରେ ସର୍ବଭାରତୀୟ ସେବା ଅଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ଏବେ ଅନୁମୋଦିତ ସଂଖ୍ୟାଠୁ ଅଧିକ ପରିମାଣର ପୁଲିସ ଡିଜି ଓ ମୁଖ୍ୟ ସଚ଼ିବ ପାହ୍ୟାରେ ଅଫିସରମାନଙ୍କୁ ଅବସ୍ଥାପିତ କରାଯାଇ ତୁଷ୍ଟୀକରଣ ନିମନ୍ତେ ଉଦ୍ୟମ ହେଉଥିବା ଚ଼ର୍ଚ୍ଚା ହେଉଛି ।ମିଳିଥିବା ସୂଚ଼ନା ଅନୁସାରେ, ରାଜ୍ୟରେ ଅନୁମୋଦିତ ପୁଲିସ ଡିଜି ପାହ୍ୟାର ପଦବୀ ସଂଖ୍ୟା ୩ ଥିବାବେଳେ ମୁଖ୍ୟ ସଚ଼ିବ ପାହ୍ୟାର ପଦବୀ ସଂଖ୍ୟା ୬ । ମାତ୍ର ରାଜ୍ୟ ସରକାର ଏହି ନିର୍ଦ୍ଧାରିତ ଅନୁମୋଦିତ ପଦବୀ ସଂଖ୍ୟାକୁ ବୃଦ୍ଧି ନକରି ୩୦ବର୍ଷର ଚ଼ାକିରି କାଳ ପୂରଣ ହୋଇଥିବା ଦର୍ଶାଇ ଅଫିସରମାନଙ୍କୁ ଡିଜି ଓ ମୁଖ୍ୟ ସଚ଼ିବ ପାହ୍ୟାରେ ଅବସ୍ଥାପିତ କରିବାରେ ଲାଗିଛନ୍ତି । ତା'ପୁଣି ସରକାରଙ୍କୁ ସୁହାଇଲା ଭଳି । ୧୯୮୯ ବ୍ୟାଚ଼ର ୪ଜଣ ଆଇପିଏସ୍ ଅଫିସରଙ୍କୁ ଆଜି ଡିଜି ପାହ୍ୟାକୁ ପଦୋନ୍ନତି ମିଳିଛି । ୧୯୮୯ ବ୍ୟାଚ଼ର ଆଇପିଏସ୍ ପ୍ରଣବିନ୍ଦୁ ଆଚ଼ାର୍ଯ୍ୟ ଓ ସିଦ୍ଧାର୍ଥ ମହାନ୍ତୁ ନରଓ୍ୱଣେଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ମିଳିଥିବାବେଳେ ସେହି ବ୍ୟାଚ଼ର କେନ୍ଦ୍ରୀୟ ଡେପୁଟେସନରେ ଥିବା ଅମ୍ରିତ ମୋହନ ପ୍ରସାଦ ଓ ବି.ରାଧିକାଙ୍କୁ ଡିଜି ପାହ୍ୟାକୁ ପ୍ରୋଫର୍ମା ପଦୋନ୍ନତି ମିଳିଛି । ଯଦିଓ ଏହି ୪ଜଣ ଆଇପିଏସ୍ ଅଫିସର ୨୦୧୯ ମସିହାରେ ନିଜର ଚ଼ାକିରିର ୩୦ବର୍ଷ ପୂରଣ କରିସାରି ଡିଜି ଗ୍ରେଡକୁ ପଦୋନ୍ନତି ପାଇବାକୁ ଯୋଗ୍ୟ ବିବେଚ଼ିତ ହେଲେଣି । ତଥାପି ସେମାନଙ୍କୁ ରାଜ୍ୟ ସରକାର ଡିଜି ପାହ୍ୟାକୁ ପଦୋନ୍ନତି ଦେଇନଥିଲେ ।ରାଜ୍ୟ ସରକାରରେ ମାତ୍ର ୩ଟି ଅନୁମୋଦିତ ଡିଜି ପାହ୍ୟା (ଗୋଟିଏ କ୍ୟାଡର ଓ ୨ଟି ଏକ୍ସକ୍ୟାଡର) ପଦବୀ ରହିଥିବାବେଳେ ଏବେ ଡିଜି ପାହ୍ୟାରେ ବି.କେ. ଶର୍ମା, ପୁଲିସ ଡିଜି ସୁନୀଲ କୁମାର ବଂଶଲ, ମନୋଜ କୁମାର ଛାବ୍ରା, ସନ୍ତୋଷ ଉପାଧ୍ୟାୟ, ଅରୁଣ କୁମାର ରାୟ କାର୍ଯ୍ୟ କରୁଛନ୍ତି । ୧୯୮୯ ବ୍ୟାଚ଼ର ଶ୍ରୀ ଆଚ଼ାର୍ଯ୍ୟ ଓ ନରଓ୍ୱଣେଙ୍କୁ ମିଶାଇଲେ ରାଜ୍ୟରେ ଡିଜି ପାହ୍ୟାର ଅଫିସରଙ୍କ ସଂଖ୍ୟା ୭ରେ ପହଂଚ଼ିବ । ଏହି ପାହ୍ୟାକୁ ଅଫିସରମାନଙ୍କୁ ପଦୋନ୍ନତି ଦେଇ 'ଗ୍ରେଡ୍ ପେ ଲେଭଲ-୧୬'ର ଦରମା ସହ ଆନୁସଙ୍ଗିକ ସୁବିଧା ରାଜ୍ୟ ରାଜକୋଷରୁ ସରକାର ଯୋଗାଇ ଦେଉଛନ୍ତି । କିନ୍ତୁ ଏହି ବର୍ଦ୍ଧିତ ପଦବୀଗୁଡିକୁ କେନ୍ଦ୍ର ସରକାରରେ ଅନୁମୋଦନ କରାଇବାକୁ ରାଜ୍ୟ ସରକାର ପ୍ରୟାସ କରୁନାହାନ୍ତି । ଓଲଟା ନିଜର ମନମୁଖୀ କ୍ୟାଡର ପରିଚ଼ାଳନା ମାଧ୍ୟମରେ ଅଫିସର ତୁଷ୍ଟୀକରଣ କରାଉଛନ୍ତି ।ସେହିପରି ରାଜ୍ୟରେ ମୁଖ୍ୟ ସଚ଼ିବ ପାହ୍ୟାରେ ମୋଟ ୬ଟି ଅନୁମୋଦିତ ପଦବୀ( ୩ଟି କ୍ୟାଡର ଓ ୩ଟି ଏକ୍ସକ୍ୟାଡର) ରହିଥିବାବେଳେ ମୁଖ୍ୟ ସଚ଼ିବ ପାହ୍ୟାରେ ଏବେ ମୋଟ ୧୨ଜଣ ଆଇଏଏସ୍ ରାଜ୍ୟରେ କାର୍ଯ୍ୟ କରୁଛନ୍ତି । ୧୯୯୧ ବ୍ୟାଚ଼ ଆଇଏଏସଙ୍କୁ ମୁଖ୍ୟ ସଚ଼ିବ ପାହ୍ୟାକୁ ସରକାର ପଦୋନ୍ନତି ଦେଇସାରିଛନ୍ତି । ରାଜ୍ୟରେ ମୁଖ୍ୟ ସଚ଼ିବ ସୁରେଶ କୁମାର ମହାପାତ୍ର, ଜିଭିଭି ଶର୍ମା, ନିକୁଞ୍ଜ କିଶୋର ସୁନ୍ଦରାୟ, ଆର କେ ଶର୍ମା, ସିଜେ ବେଣୁଗୋପାଳ, ପ୍ରଦୀପ୍ତ କୁମାର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା,ଡଃ ମୋନା ଶର୍ମା, ସଞ୍ଜିବ ଚୋପ୍ରାଙ୍କ ସମେତ ୧୯୯୧ ବ୍ୟାଚ଼ର ଅନୁ ଗର୍ଗ, ମଧୁସୂଦନ ପା ?ୀ ଓ ସତ୍ୟବ୍ରତ ସାହୁଙ୍କୁ ମୁଖ୍ୟ ସଚ଼ିବ ପାହ୍ୟା ମିଳିଛି । ଏହି ଅଫିସରମାନେ ମୁଖ୍ୟ ସଚ଼ିବ ପାହ୍ୟାର ଦରମା ଓ ଆନୁସଙ୍ଗିକ ସୁବିଧା ହାସଲ କରୁଛନ୍ତି । ରାଜ୍ୟ ରାଜକୋଷ ଉପରେ ଏଥିଯୋଗୁ ବୋଝ ପଡୁଥିଲେ ମଧ ରାଜ୍ୟ ସରକାର ଏହି ପଦବୀଗୁଡିକୁ କେନ୍ଦ୍ର ସରକାରଙ୍କ ପାଖରେ ଅନୁମୋଦନ ନକରାଇ ମନମୁଖୀ ଆବଂଟନ କରିବାରେ ଲାଗିଛନ୍ତି ।ରାଜ୍ୟ ସରକାରଙ୍କ ଏଭଳି ମନମୁଖୀ କ୍ୟାଡର ପରିଚ଼ାଳନା ଯୋଗୁ ଅନେକ ଅଫିସର ନିଜର ହକରୁ ବଂଚ଼ିତ ହେବା ସହ ରାଜ୍ୟକୁ ସେବା ଯୋଗାଇବାରେ ବଂଚ଼ିତ ହେଉଛନ୍ତି ।

# ଶୁଭଶ୍ରୀ ମୃତ୍ୟୁ ପାଇଁ ପ୍ରେମିକ ଦାୟୀ

ଭୁବନେଶ୍ୱର, ୨।୯(ପି.ଏନ): ରାଜଧାନୀର ଶାସ୍ତ୍ରୀନଗରର ଶୁଭଶ୍ରୀ ମହାପାତ୍ରଙ୍କ ମୃତ୍ୟୁ ମାମଲାର ପର୍ଦାଫାସ କରିଛି କମିଶନରେଟ୍ ପୋଲିସ୍। ଏନେଇ ଶୁକ୍ରବାର ଅପରାହ୍ନରେ ସାମ୍ବାଦିକ ସମ୍ମିଳନୀ ରେ ବିସ୍ତୃତ ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ। ସେ କହିଛନ୍ତି ପରକୀୟା ପ୍ରୀତି, ଅବିଶ୍ୱାସ ଓ ଝଗଡ଼ାରୁ ଏହି ଆତ୍ମହତ୍ୟା ଘଟଣା ଘଟିଛି। ଘଟଣାରେ ପୁରୁଷ ବନ୍ଧୁ ଚିତରଂଜନ ଜେନାଙ୍କୁ ଗିରଫ କରାଯାଇଥିବା ଡିସିପି କହିଛନ୍ତି। ସେ କହିଛନ୍ତି ୨୦୧୪ରେ ବାହା ହୋଇଥିବା ଶୁଭଶ୍ରୀଙ୍କ ସହ ୨୦୧୯ରେ ଚିତର ସଂପର୍କ ସୃଷ୍ଟି ହୋଇଥିଲା। ୨୦୧୯ରେ ଶୁଭଶ୍ରୀ ନିଜ ବାପ ଘର ନୟାଗଡ଼କୁ ଯାଇଥିବା ବେଳେ ଗାଁ ନିକଟର ଚିତରଞ୍ଜନଙ୍କ ସମ୍ପର୍କରେ ଆସିଥିଲେ। ଯାହା ପରେ ଦୁହିଁଙ୍କ ଭିତରେ ମୋବାଇଲ ନମ୍ବର ଦିଆନିଆ ହୋଇଥିଲା। ସମ୍ପର୍କ ବଢ଼ିବା ପରେ ସେମାନେ ବିଭିନ୍ନ ସ୍ଥାନ ବୁଲିଥିଲେ। ଲଜିଂରେ ରହିଥିଲେ। ଚିତରଞ୍ଜନ ଭୁବନେଶ୍ୱରରେ ସତ୍ୟନଗରରେ ରହୁଥିଲେ। ଗାଡ଼ି ଚଲାଇ ଗୁଜୁରାଣ ମେଂଟାଉଥିଲେ। ପରକ୍ରିୟା ପ୍ରୀତି ସମ୍ପର୍କରେ ଶୁଭଶ୍ରୀଙ୍କ ସ୍ୱାମୀ ମଧ ଆଭାଷ ପାଇବା ପରେ ପାରିବାରିକ ଅଶାନ୍ତି ସୃଷ୍ଟି ହୋଇଥିଲା।ଶୁଭଶ୍ରୀ ଆତ୍ମହତ୍ୟା କରିବା ଦିନକ ପୂର୍ବରୁ ଅର୍ଥାତ ଗତ ମାସ ୨୮ ତାରିଖରେ ତାଙ୍କ ସ୍ୱାମୀ ଗାଁକୁ ଯାଇଥିଲେ। ଏହା ପରଦିନ ଶୁଭଶ୍ରୀ ଜଣେ ବ୍ୟକ୍ତିଙ୍କ ସହ କ୍ୟାପିଟାଲ ହସ୍ପିଟାଲ ଯାଇଥିଲେ। ଏ ବାବଦରେ ତାଙ୍କ ସ୍ୱାମୀଙ୍କୁ ମଧ ଜଣାଇଥିଲେ। ହେଲେ ଏନେଇ ସେ ଚିତରଞ୍ଜନକୁ ଜଣାଇବା ପରେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଫୋନ୍ ରେ ଶୁଭଶ୍ରୀଙ୍କୁ ଗାଳିଗୁଲଜ କରିଥିଲେ ଚିତ। ପରେ ରାତି ୧୧ଟାରେ ଶୁଭଶ୍ରୀଙ୍କ ଘରକୁ ଯାଇ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ପରେ ସେଠାରୁ ସତ୍ୟନଗର ସ୍ଥିତ ନିଜ ଭଡ଼ା ଘରକୁ ଚାଲି ଯାଇଥିଲେ।ଏଭଳି କାଣ୍ଡ ପରେ ମାନସିକ ଭାରସାମ୍ୟ ହରାଇ ଶୁଭଶ୍ରୀ ଆତ୍ମହତ୍ୟା ନିଷ୍ପତି ନେଇଥିଲେ ଏବଂ ଓଢ଼ଣୀ ଦେଇ ଘର ପଙ୍ଖାରେ ଝୁଲି ପଡ଼ିଥିଲେ। ତେବେ ଆତ୍ମହତ୍ୟାର କିଛି ସମୟ ପୂର୍ବରୁ ସେ ଏଭଳି ପଦକ୍ଷେପ ନେଉଥିବା ଚିତଙ୍କୁ ଫୋନ୍ କରି ଜଣାଇଥିଲେ। ଚିତ ସତ୍ୟାସତ୍ୟ ଜାଣିବାକୁ ଶୁଭଶ୍ରୀଙ୍କ ଘର ନିକଟରେ ରହୁଥିବା ଜଣେ ଟ୍ୟୁସନ ସାରଙ୍କୁ ଯୋଗାଯୋଗ କରିଥିଲେ। ଏହି ଟ୍ୟୁସନ ସାର୍ ପୁଅକୁ ସତ୍ୟାସତ୍ୟ ଦେଖି ଆସିବାକୁ ପଠାଥିଲେ। ସେ ଶୁଭଶ୍ରୀଙ୍କ ଘରେ ପହଂଚି ଦେଖିବା ବେଳେକୁ ଘର ଦୁଆର ଭିତରୁ ଦିଆଯାଇଥିଲା। ଦୁଆର ଫାଙ୍କରେ ନିରୀଖି ଦେଖିବା ବେଳକୁ ଶୁଭଶ୍ରୀ ପଙ୍ଖାରେ ଝୁଲି ଯାଇଥିଲେ। ଏ ସମ୍ପର୍କରେ ଜାଣିବା ପରେ ଟ୍ୟୁସନ ସାର ଫୋନ୍ କରି ଚିତକୁ ଜଣାଇଥିଲେ। ଚିତ ଖବର ପାଇ ତୁରନ୍ତ ଶୁଭଶ୍ରୀଙ୍କ ଘରେ ପହଂଚି କବାଟ ଭାଙ୍ଗି ଭିତରକୁ ଯିବା ପରେ ଓଢଣୀଦ୍ୱାରା ଫ୍ୟାନ୍ ରେ ଝୁଲୁଥିବା ଶୁଭଶ୍ରୀଙ୍କ ଶରୀରକୁ ବାହାର କରିଥିଲେ। ତେବେ ଶୁଭଶ୍ରୀଙ୍କ ମୃତ୍ୟୁ ହୋଇଥିବା ଜାଣିବା ପରେ ମୃତଦେହକୁ ଖଟ ଉପରେ ରଖି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା ଚିତ। ଯିବା ବେଳେ ଓଢ଼ଣୀରେ ନିଜର ଫିଙ୍ଗରପ୍ରିଂଟ ଆସିଥିବାରୁ ନିଜକୁ ନିର୍ଦ୍ଦୋଷ କରାଇବାକୁ ତାହାକୁ ନେଇ ଚାଲି ଯାଇଥିଲେ। ଯିବା ପରେ ବାଟରେ ଏହାକୁ ଫୋପାଡ଼ି ଦେଇଥିଲେ। ତେବେ ମୃତ ମହିଳାଙ୍କ ଫୋନ୍ କଲ୍ ଯାଂଚ ପରେ ସେ ସନ୍ଦେହକୁ ଆସିବାରୁ ପୁଲିସ ପଚରାଉଚରା କରିଥିଲା। ଏହି ସମୟରେ ସେ ନିଜର ଦୋଷ ଓ କରିଥିଲା। ଯାହା ପରେ ତାକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଡିସିପି ସୂଚନା ଦେଇଛନ୍ତି।ଶୁକ୍ରବାର ଶୁଭଶ୍ରୀଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଛି। ଶୁଭଶ୍ରୀଙ୍କ ମୃତ୍ୟୁ ଶ୍ୱାସରୁଦ୍ଧ ଯୋଗୁ ହୋଇଥିବା ରିପୋର୍ଟରେ ଦର୍ଶା ଯାଇଛି। ଏହାଛଡ଼ା ଝୁଲନ୍ତା ଅବସ୍ଥାରେ ଶୁଭଶ୍ରୀଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ପୁଲିସକୁ ଶବ ବ୍ୟବଚ୍ଛେଦ ରିପୋର୍ଟ ହସ୍ତାନ୍ତର କରାଯାଇଛି। ତେବେ ମୃତ୍ୟୁ ପୂର୍ବରୁ ଶୁଭଶ୍ରୀ କୌଣସି ବିଷାକ୍ତ ଖାଦ୍ୟ ଖାଇଥିଲେ କି ନାହିଁ, ତାର ଯାଂଚ ପାଇଁ ରାଜ୍ୟ ଫରେନସିକ ଲାବକୁ ନମୁନା ପଠାଯାଇଛି।






ନଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି ।

## ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।



## ଟି ଟାଇମ୍

# ବର ମାରେ ୩ଥର ଶର




ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

# ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି



ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଓଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



'ଜଙ୍ଗଲ୍ସ ଇନ୍ ପ୍ୟାରିସ', ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# ଆଇସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆଇସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




## ଦୃଷ୍ଟିଆକର୍ଷଣ କଲେ ପରିବେଶବିତ୍, ପୂତିଗନ୍ଧମୟ ପରିବେଶରୁ ମୁକୁଳିଲେ ଅଞ୍ଚଳବାସୀ



ଭୁବନେଶ୍ୱର (ପିଏନ୍): କୁଢ଼ କୁଢ଼ ବର୍ଜ୍ୟର ପାହାଡ଼, ପୂତିଗନ୍ଧମୟ ଓ ଅସ୍ୱାସ୍ଥ୍ୟକର ପରିବେଶରୁ ମୁକୁଳିଛି ସ୍ମାର୍ଟନଗରୀ ଭୁବନେଶ୍ୱରର ୬୧ନଂ ୱାର୍ଡ ଅନ୍ତର୍ଗତ ଭୀମେଶ୍ୱରମାର୍ଗ ଅଞ୍ଚଳ । ସୂଚନାଯୋଗ୍ୟ ଉକ୍ତ ଅଞ୍ଚଳରୁ ସଂଗୃହିତ ବର୍ଜ୍ୟବସ୍ତୁଗୁଡ଼ିକୁ ରାସ୍ତା ପାର୍ଶ୍ୱରେ ଜନବସତି ଅଞ୍ଚଳରେ ସଫେଇ କର୍ମଚାରୀମାନେ ଗଦା କରି ଆସୁଥିଲେ । ପରିସ୍ଥିତି ଓ ପରିବେଶ ଏପରି ବିଗିଡ଼ିଯାଇଥିଲା ଯେ ଲୋକେ ଦୁର୍ଗନ୍ଧରେ ଅତିଷ୍ଠ ହୋଇ ଅଣନିଶ୍ୱାସୀ ହୋଇପଡ଼ିଥିଲେ । ଅଳିଆ ଉଠାଇବା ସମ୍ପର୍କରେ ସଫେଇ କର୍ମଚାରୀଙ୍କୁ କେହି ପଚାରିଲେ ଆମେ ଏ ବିଷୟରେ କିଛି କହିପାରିବୁ ନାହିଁ କହି ଚାଲିଯାଆନ୍ତି । ଧୀରେ ଧୀରେ ଏହି ଆବର୍ଜନାର ପାହାଡ଼ ରାସ୍ତା ଉପରକୁ ମାଡ଼ିଯାଇଥିଲା । ଆତଯାତ କରୁଥିବା ଲୋକେ ନାକରେ ରୁମାଲ୍ ଦେଇ ବହୁ କଷ୍ଟରେ ରାସ୍ତା ଅତିକ୍ରମ କରୁଥିଲେ । ଏଭଳି ପରିମଳ ଅବସ୍ଥା ଦେଖି ପରିବେଶବିତ୍ ସୁଶାନ୍ତ ସାହୁ ଏ ସମ୍ପର୍କରେ ଭୁବନେଶ୍ୱର ମହାନଗର ନିଗମର କମିଶନର ବିଜୟ ଅମୃତ କୁଲାଙ୍ଗେଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସମସ୍ୟାର ଶୀଘ୍ର ସମାଧାନ ପାଇଁ ନିବେଦନ କରିଥିଲେ । କମିଶନର ସମସ୍ୟାଟିକୁ ତୁରନ୍ତ ବିଚାରକୁ ନେଇ କିଛି ସମୟ ମଧ୍ୟରେ ଅଞ୍ଚଳଟିକୁ ଆବର୍ଜନାରୁ ମୁକ୍ତ କରିଦେଇଥିଲେ । ଏ ନେଇ ଅଞ୍ଚଳବାସୀ ଖୁସି ପ୍ରକଟ କରିବା ସହ କମିଶନରଙ୍କ ତ୍ୱରିତ ପଦକ୍ଷେପକୁ ଜନସାଧାରଣ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଛନ୍ତି ।

## ଝୁମ୍ପୁରା ବିଡିଓଙ୍କ ନେତୃତ୍ୱରେ ଅର୍ଶଳା ଖେଳପଡିଆରେ ଚାରିଶହ ବୃକ୍ଷରୋପଣ

ଝୁମ୍ପୁରା (ପିଏନ୍)- ବୃକ୍ଷଲତା ମାନବ ସମାଜର ପରମ ମିତ୍ର । ଏହାକୁ ଆଖି ଆଗରେ ରଖି ଝୁମ୍ପୁରା ବ୍ଲକର ପ୍ରତି ପଚଂାୟତରେ ଥିବା ଖେଳପଡିଆ ଚର୍ତୁପାର୍ଶ୍ୱରେ ବୃକ୍ଷରୋପଣ କରି ସବୁଜବଳୟ ସୃଷ୍ଟି ସହ ସନ୍ଦୌର୍ଯ୍ୟକରଣ କରିବା ସ୍ଥାନୀୟ ବିଡିଓ ଉମାକାନ୍ତ ପରିଡାଙ୍କ ମୁଖ୍ୟ ଉଦ୍ଦେଶ୍ୟ । ତେବେ ଏହାକୁ ପାଥେୟ କରି ଝୁମ୍ପୁରା ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା ବିଡିଓ ଶ୍ରୀ ପରିଡାଙ୍କ ନେତୃତ୍ୱରେ ଅର୍ଶଳା ପଚଂାୟତର ଅର୍ଶଳା ଗ୍ରାମ ଖେଳପଡିଆ (ଷ୍ଟାଡିୟମ)ରେ ପ୍ରଥମ ଦିନରେ ଚାରିଶହ ବୃକ୍ଷରୋପଣ କରାଯାଇଛି । ସୂଚନାଯୋଗ୍ୟ ଅର୍ଶଳା ପଚଂାୟତକୁ ପରିଦର୍ଶନରେ ଯାଇଥିବା ବେଳେ ଖେଳପଡିଆ ବିଡିଓ ଶ୍ରୀ ପରିଡାଙ୍କ ନଜରକୁ ଆସିଥିଲା । ଖେଳପଡିଆ ଭିତରକୁ ଯାଇ ସେ ବୁଲାବୁଲି କରି ଚାରିପାଖରେ ବୃକ୍ଷରୋପଣ କରିବା ନିମନ୍ତେ ମନସ୍ଥ କରିଥିଲେ । ଏହାପରେ ପଂଚାୟତ ପ୍ରତିନିଧି, ପିଇଓ, ଜିଆରଏସ୍, କନିଷ୍ଠ ଯନ୍ତ୍ରୀଙ୍କ ସହ ବନୀକରଣର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରି ବୃକ୍ଷରୋପଣର ତାରିଖ ଏବଂ ଦିନ ଧାର୍ଯ୍ୟ କରାଯାଇଥିଲା । ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଡିଓ ଉମାକାନ୍ତ ପରିଡା, ଏପିଇଓ ପୂର୍ଣ୍ଣଚନ୍ଦ୍ର ନାଏକ, ୧୭ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ସୋମବାରୀ ମୁର୍ମୁ, ସମିତି ସଭ୍ୟା ଲିଲିମଣି ମାଝୀ, ପୂର୍ବତନ ସରପଂଚ ପ୍ରଶନ୍ନ ନାଏକ, ଜିଆରଏସ୍ କେଦାରନାଥ ମହାନ୍ତ, ମେଟ୍ ତଫାନ ନାଏକ, ସ୍ଥାନୀୟ ବୁଦ୍ଧିଜୀବୀ ଲୋକନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ପ୍ରତୀକ ଭିଜନ ଥିଏଟର ପକ୍ଷରୁ ଯାଜପୁରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଯାଜପୁର (ପିଏନ୍): କଳାକାର ମାନଙ୍କୁ ସଂଗଠିତ କରି ଏକ ନୂତନ ଦିଗଦର୍ଶନରେ ନୈତିକ ବୋଧକ ବାର୍ତ୍ତା ବହନ କରୁଥିବା ରାଜ୍ୟର ଏକ ପ୍ରମୁଖ ଥିଏଟର ଅନୁଷ୍ଠାନ ପ୍ରତୀକ ଭିଜନ ପକ୍ଷରୁ ସ୍ଥାନୀୟ ଯାଜପୁରର ଖଣ୍ଡରା ଛକ ନିକଟରେ ଥିବା ଶିଶୁକଲ୍ୟାଣ ସ୍ୱାଧୀକାର ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଉକ୍ତ ବୈଠକରେ ବରିଷ୍ଠ ନାଟ୍ୟକାର ବୈଦ୍ୟନାଥ ପଣ୍ଡା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ହରିହର ସ୍ୱାଇଁ, ମୁଖ୍ୟବକ୍ତାଭାବେ ବରିଷ୍ଠ ସାମ୍ବାଦିକ ତପନ ମହାରଣ୍ୟଶର୍ମା, ସମ୍ମାନିତ ଅତିଥି ଭାବେ ଯୁବକବି ଜିତେନ୍ଦ୍ର ବେହେରା, ସାମ୍ବାଦିକ ସୁରେଶ କର ପ୍ରମୁଖ ଯୋଗ ଦେଇ ଏହି ଅନୁଷ୍ଠାନକୁ ଏକ ଅଗ୍ରଣୀ ଅନୁଷ୍ଠାନରୂପେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ ।

ଜଣାଶୁଣା ଥିଏଟର ନିର୍ଦ୍ଦେଶକ ପ୍ରସନ୍ନ କୁମାର ବିଶ୍ୱାଳ, ଇଚ୍ଛାମୟୀ ଧଳ ଅନୁଷ୍ଠାନର ଅଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ବୈଠକରେ ସର୍ବସମ୍ମତିକ୍ରମେ କାର୍ଯ୍ୟକର୍ତ୍ତା ଚୟନ କରାଯାଇ ଆଗାମୀ ଦିବସର କାର୍ଯ୍ୟପନ୍ଥା ପାଇଁ ଏକ ଖସଡ଼ା ପ୍ରସ୍ତୁତି କରାଯାଇଥିଲା । ସୂଚନା ଅନୁଯାୟୀ ଏହି ବୈଠକରେ ସାମ୍ବାଦିକ ଟୁଟୁ ଭାଇଙ୍କ ସମେତ କଳାକାର ନୀଳାଦ୍ରି ସାହୁ, ଧନଞ୍ଜୟ ମିଶ୍ର, ଜିତେନ୍ଦ୍ର ସାହୁ, ପ୍ରଭାତ ଦାସ, ଅଙ୍କିତ କର, ସସ୍ମିତା ରାଉତ, ଅନିତା ସାହୁ, ଲିପିକା ସ୍ୱାଇଁ, ଯୋଗ ଦେଇ ନିଜର ମତବ୍ୟକ୍ତ କରିଥିଲେ ।

## ଯାନବାହନ ଚଳାଚଳ ନେଇ ଟ୍ରାଫିକ୍ କଟକଣା ଲାଗୁ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ସହରର କେତୋଟି ନିର୍ଦ୍ଦିଷ୍ଟ ରାସ୍ତାରେ ଭାରୀଯାନ ଚଳାଚଳ ନେଇ ଜିଲ୍ଲା ପ୍ରଶାସନ ତରଫରୁ କଟକଣା ଲାଗୁ କରାଯାଇଥିଲା । ଦୁର୍ଘଟଣା, ଜୀବନହାନି ଏବଂ ଟ୍ରାଫିକ୍ ଜାମ୍ ହ୍ରାସ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଆଇ.ଟି.ଆଇ. ଛକରୁ ଭାୟା ବାଲେଶ୍ୱର ବସ୍‌ଷ୍ଟାଣ୍ଡ, ଏଫ.ଏମ୍. ଗୋଲେଇ ଦେଇ ସୁରଜ ହୋଟେଲ ଛକ, ପୋଲିସ ଲାଇନ ଛକରୁ ଭାୟା ଏଫ.ଏମ୍. କଲେଜ ଦେଇ ହେମକାପଡା ଛକ, ଫକୀରମୋହନ ଗୋଲେଇରୁ ଭାୟା ଫାଣ୍ଡି ଛକ, ଚିଡିଆପୋଲ, ସଦର ମହକୁମା ଡାକ୍ତରଖାନା, ସିନେମା ଛକ ଏବଂ ମୋତିଗଞ୍ଜ ବଜାର ଦେଇ ଟାଉନ ଥାନା, ଷ୍ଟେସନ ଛକରୁ ଭାୟା ଏଡିଏମ ଛକ, ଜିଲ୍ଲା ସ୍କୁଲ ଦେଇ ପାଣି ଟାଙ୍କି ଛକ, ମିର୍ଜାପୋଖରୀ ଛକରୁ ଭାୟା ମାଣିଖମ୍ବ ଏବଂ ବାରବାଟୀ ଦେଇ ବୁଢ଼ା କାର୍ତିକ ଛକ, ମିର୍ଜାପୋଖରୀରୁ ଭାୟା ଟାଉନହଲ ଏବଂ ସିନେମା ଛକ ଦେଇ ବେବିଲୋନ ଛକ, ଟେକନିକାଲ ସ୍କୁଲ ଛକରୁ ଭାୟା ଏଡିଏମ ଛକ, ରାଜାବଗିଚା ଦେଇ ନାରୀସଂଘ, ଷ୍ଟେସନ ଛକରୁ ଭାୟା ନାରୀସଂଘ ଦେଇ ପଡୁଆଁପଦା ଛକ ପର୍ଯ୍ୟନ୍ତ ରାସ୍ତାଗୁଡିକରେ ସକାଳ ୮ଘଟିକା ୩୦ମିନିଟ୍‌ରୁ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଥିଲା ।

ହରିପୁର ପାର୍ଶ୍ୱରୁ ଆସୁଥିବା କେବଳ ଟ୍ରାକ୍ଟର, ମିନିଟ୍ରକ୍‌ଗୁଡ଼ିକୁ ଆନନ୍ଦ ବଜାର, ମାଲଗୋଦାମ, ଭାସ୍କରଗଞ୍ଜ ଛକ, ତେଲେଙ୍ଗା ସାହି ଛକ, ପୋଲିସ ଲାଇନ ଛକ ଦେଇ ଆଇ.ଟି.ଆଇ.ଛକ ଆଡକୁ ଯିବା ଓ ସେହି ସମାନ ରାସ୍ତା ଦେଇ ଫେରିବାକୁ ଅନୁମତି ଦିଆଯିବ । ସେହିପରି ଚାନ୍ଦିପୁର ଅଂଚଳରେ ସମୁଦ୍ର ବେଳାଭୂମିରେ ଗାଡି ଚାଳନା ଯୋଗୁଁ ଘଟୁଥିବା ଅଘଟଣକୁ କମାଇବା ପାଇଁ ସୋନପୁର ଛକରୁ ଆରମ୍ଭ କରି ଚାନ୍ଦିପୁର ପାନ୍ଥନିବାସ ପର୍ଯ୍ୟନ୍ତ ଯାନ ଚାଳନା ପାଇଁ ଉଦ୍ଦିଷ୍ଟ ନ ଥିବା ଅଂଚଳରେ ସମସ୍ତ ପ୍ରକାର ଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଥିଲା । ଅନୁରୂପ ଭାବେ ଯାନବାହାନ ଚଳାଚଳ ପାଇଁ ଉଦ୍ଦିଷ୍ଟ ନ ଥିବା ତାଳସାରୀ ବେଳାଭୂମି ଅଂଚଳରେ ମଧ୍ୟ ସମସ୍ତପ୍ରକାର ଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଦ୍ୱାରା ଅନୁମୋଦିତ ଆଦେଶନାମା ଅନୁଯାୟୀ ତା୩.୮.୨୦୨୨ରିଖରୁ ତା୧.୯.୨୦୨୨ରିଖ ପର୍ଯ୍ୟନ୍ତ ୩୦ଦିନ ପାଇଁ ଏହି ସମସ୍ତ କଟକଣା ବଳବତର ରହିଥିଲା ।

## ବିଷ ବଳୟରେ ୯୦% ଭାରତୀୟ

### —ଅଧିକ ସଂକ୍ରମିତ ହେବେ ଶିଶୁ—



ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି । କୁହାଯାଏ ଆମ ସମୟରେ ପିଲାମାନେ ହେଉଛନ୍ତି ଅମୃତର ସନ୍ତାନ ଓ ଭଗବାନଙ୍କ ଦିବ୍ୟ ପ୍ରତୀକ । ଆସନ୍ତୁ ଗୋଟିଏ ଛୋଟିଆ କଥା ଚିନ୍ତା କରିବା । ପୃଥିବୀକୁ ଘେରି ରହିଥିବା ନୀଳ ଆକାଶ ଆଗଭଳି ଆଉ ନିର୍ମଳ ନାହିଁ । ବିଷାକ୍ତ ବାୟୁରେ ଏହା ଭରପୁର । ଶ୍ୱାସକ୍ରିୟାରେ ବିଶ୍ୱବାସୀ ଅମ୍ଳଜାନ ସହିତ ପୁଳା ପୁଳା ବିଷ ଶୋଷି ଚାଲିଛନ୍ତି । ବିଶ୍ୱର ପ୍ରାୟ ୯୯% ଲୋକ ବିଷାକ୍ତ ବାୟୁରେ ଶ୍ୱାସକ୍ରିୟା କରି ନିଜ ପାଇଁ ସାଙ୍ଘାତିକ ବିପଦ ସୃଷ୍ଟି କରୁଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ସଦ୍ୟ ରିପୋର୍ଟରୁ ଏହି ଚିତ୍ର ମିଳିଛି । ଭାରତର ପ୍ରାୟ ୯୦% ଲୋକ ବିଷାକ୍ତ ବାୟୁ ଘେରରେ ଥିବା ରିପୋର୍ଟ କହୁଛି । ବିଶ୍ୱର ୯୯% ବା ପାଖାପାଖି ୭୯୭ କୋଟି ଲୋକ ଶ୍ୱାସକ୍ରିୟା ସମୟରେ ନାଇଟ୍ରୋଜେନ ଡାଇଅକ୍ସାଇଡ଼ ଏବଂ ଅତି ସୂକ୍ଷ୍ମ ଅନିଷ୍ଟକାରୀ କଣିକା ଶୋଷୁଛନ୍ତି । ବାୟୁରେ ଥିବା ପାର୍ଟିକୁଲେଟ ମ୍ୟାଟର ବା ପିଏମ୍ (ଅତି ସୂକ୍ଷ୍ମ କଠିନ କଣିକା ଓ ତରଳ ବୁନ୍ଦା ଯେଉଁଥିରେ ଧୂଳି, ମଇଳା, ଧୂଆଁ ଆଦି ମିଶ୍ରିତ ହୋଇଥାଏ) । ଫୁସଫୁସ ପାଇଁ ବିଷଠାରୁ କିଛି କମ ନୁହେଁ । ତାହାଠାରୁ କମ ପିଏମ୍୧୦ ଏବଂ ୨.୫ ମାଇକ୍ରୋମିଟର ବା ତାହାଠାରୁ କମ (ପିଏମ୍୨.୫) । ଡବ୍ଲ୍ୟୁଏଚଓ ମୁତାବକ ପିଏମ୍୨.୫ର କଣିକା ଫୁସଫୁସ ମଧ୍ୟରେ ପ୍ରବେଶ କରି ରକ୍ତ ସହିତ ମିଶି ପ୍ରବାହିତ ହୋଇପାରିବ । ଏହାଦ୍ୱାରା ହୃଦରୋଗ ସମସ୍ୟା ସୃଷ୍ଟି ହୋଇପାରେ । ଆହୁରି ମଧ୍ୟ ମସ୍ତିଷ୍କାଘାତ, ଫୁସଫୁସ ରୋଗ, କ୍ୟାନସର ଓ ନିମୋନିଆର କାରଣ ମଧ୍ୟ ସାଜିପାରେ । ଲାନସେଟ ପତ୍ରିକାରେ ପ୍ରକାଶିତ ରିପୋର୍ଟ ଅନୁସାରେ ବାୟୁରେ ବଢୁଥିବା ନାଇଟ୍ରୋଜେନ ଡାଇଅକ୍ସାଇଡ଼ ମାତ୍ରା ପିଲାମାନଙ୍କ ଠାରେ ଆଜମା ରୋକ ବୃଦ୍ଧି କରିପାରେ । ଏହା ଯୋଗୁଁ ପ୍ରତିବର୍ଷ ୮.୫% ନୂଆ ଆଜମା ମାମଲା ସୃଷ୍ଟି ହେଉଛି । ପ୍ରତିବର୍ଷ ୪୨ ଲକ୍ଷ ଲୋକ ବାହ୍ୟ ବାୟୁ ପ୍ରଦୂଷଣ ସଂସ୍ପର୍ଶରେ ଆସି ପ୍ରାଣ ହରାଉଛନ୍ତି । ସେହିଭଳି ୩୮ ଲକ୍ଷ ଘର ମଧ୍ୟରେ ସୃଷ୍ଟି ପ୍ରଦୂଷଣ ଯୋଗୁଁ ପ୍ରାଣ କରାଉଛନ୍ତି । ମଇଳା ଚୁଲା ଏବଂ ବିଷାକ୍ତ ଇନ୍ଧନ ଯୋଗୁଁ ଘର ମଧ୍ୟରେ ପ୍ରଦୂଷଣ ବଢୁଛି । ଅର୍ଥାତ୍ ବର୍ଷକୁ ୮୦ ଲକ୍ଷ ଲୋକ ବାୟୁ ପ୍ରଦୂଷଣ ଯୋଗୁ ମରୁଛନ୍ତି । ବାୟୁ ପ୍ରଦୂଷଣର ପ୍ରତିକାର ପାଇଁ ଏବେ ଅଧିକାଂଶ ଦେଶ ନିଜ ଆଡୁ ଚେଷ୍ଟା କରୁଥିଲେ ହେଁ ତାହା ପର୍ଯ୍ୟାପ୍ତ ହେଉନାହିଁ । ବିଶ୍ୱର ୯୯ ପ୍ରତିଶତ ଲୋକ ପ୍ରଶ୍ୱାସରେ ଗ୍ରହଣ କରୁଛନ୍ତି ପ୍ରଦୂଷିତ ବାୟୁ । ମିଳୁନି ମୁକ୍ତ ଅମ୍ଳଜାନ । ଗ୍ରହଣ କରୁଥିବା ଏହି ବାୟୁର ପ୍ରଦୂଷଣ ସ୍ତର ଯଥେଷ୍ଟ ଅଧିକ । ଏହା ଲୋକଙ୍କ ପାଇଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି । ଏହି ସତର୍କ ସୂଚନା ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ । ଡବ୍ଲ୍ୟୁଏଚଓ ପକ୍ଷରୁ ଧାର୍ଯ୍ୟ ପ୍ରଦୂଷଣ ସ୍ତର ଠାରୁ ଏହି ବାୟୁର ମାନ ଅଧିକ ଖରାପ ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପୂର୍ବରୁ ଡବ୍ଲ୍ୟୁଏଚଓ ପକ୍ଷରୁ ବାୟୁ ମାନ ସମ୍ପର୍କରେ ପ୍ରକାଶିତ ସଦ୍ୟ ତଥ୍ୟରେ ବାର୍ଷିକ ହାରାହାରି ଭିତ୍ତିରେ ବାୟୁ ମଣ୍ଡଳରେ ମିଶୁଥିବା ଯବକ୍ଷାରଜାନ ଡାଇଅକ୍ସାଇଡ଼ ସମ୍ପର୍କିତ ସୂଚନା ସ୍ଥାନ ପାଇଛି । ଯାହା ସହରାଞ୍ଚଳ ପ୍ରଦୂଷଣ କ୍ଷେତ୍ରରେ ସର୍ବତ୍ର ପରିଲକ୍ଷିତ ହେଉଛି । ଏହି କାରଣରୁ ବାୟୁରେ ପାର୍ଟିକୁଲେଟ ମ୍ୟାଟର ଏବଂ ଓଜୋନର ଉପସ୍ଥିତି ବୃଦ୍ଧି ପାଉଛି । ପିଲାମାନଙ୍କୁ ଘର ଭିତରେ ଆବଦ୍ଧ କରି ରଖନ୍ତୁ ନାହିଁ ସେମାନଙ୍କ ପାଇଁ ସମୟ କାଢ଼ନ୍ତୁ କିନ୍ତୁ କରୋନା ସଂକ୍ରମଣର ଲହର ଯେହେତୁ କମି ନାହିଁ ପିଲାମାନଙ୍କୁ ମାକ୍ସ ପିନ୍ଧିବା ସହିତ ସାମାଜିକ ଦୂରତା ଓ ସାନିଟାଇଜର ବ୍ୟବହାର ଶିଖାନ୍ତୁ । ଖରାଦିନ ହୋଇଥିବାରୁ ବିଶେଷକରି ପିଲାମାନଙ୍କୁ ପ୍ରଚୁର ପାଣି, ସୁଷମ ଖାଦ୍ୟ, ଫଳ ଦିଅନ୍ତୁ । ତଥାକଥିତ ଫାଷ୍ଟଫୁଡ୍ ଠାରୁ ଦୂରେଇ ରହିବା ବହୁତ ଭଲ କାରଣ ଏହି ପିଲାମାନଙ୍କ ସ୍ୱାସ୍ଥ୍ୟ ଆଗାମୀ ଭାରତର ଉଜ୍ୱଳ ଭବିଷ୍ୟତ ଓ ଆପଣଙ୍କ ମାନଙ୍କ ଅମୂଲ୍ୟ ବରଦାନ ।

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪**

## ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତଃ ଚନ୍ଦ୍ରଶେଖର ପତିଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର (ପିଏନ୍)-ବିଶିଷ୍ଟ ଶିକ୍ଷାବିତ୍ ତଥା ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସମୂହର ପ୍ରତିଷ୍ଠାତା ସ୍ୱର୍ଗତଃ ଚନ୍ଦ୍ରଶେଖର ପତିଙ୍କ ଦ୍ୱାଦଶାହରେ ଭାବବିହ୍ୱଳ ଶ୍ରଦ୍ଧାଂଜଳି ଅର୍ପଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ଚନ୍ଦ୍ରଶେଖରପୁରସ୍ଥିତ ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ଶ୍ରଦ୍ଧାଂଜଳି ସଭାରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ ପ୍ରମୁଖ ଅତିଥି ରୂପେ ଯୋଗଦେଇ ସ୍ୱର୍ଗତଃ ପତିଙ୍କ ସ୍ମୃତିରେ ପ୍ରକାଶିତ ସ୍ମରଣିକା 'ସ୍ମୃତି ଅର୍ଘ୍ୟ'କୁ ଲୋକାର୍ପିତ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ, ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ସମାଜସେବୀ ଦିଲ୍ଲିପ୍ ଶ୍ରୀଚନ୍ଦନ, ଆଇନଜୀବୀ ଡ. ଲିଙ୍ଗରାଜ ସାହୁ, ସମାଜସେବୀ ପ୍ରକାଶ ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ପତିଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ତାଙ୍କ ଭ୍ରାତୃଦ୍ୱୟ ଶଶାଙ୍କ ଶେଖର ପତି, ହିଂମାଶୁ ଶେଖର ପତି, ପୁତ୍ରଦ୍ୱୟ ସୂର୍ଯ୍ୟପ୍ରକାଶ ପତି, ଶକ୍ତିପ୍ରକାଶ ପତି, ବିଦ୍ୟାଳୟ ମ୍ୟାନେଜର ବସନ୍ତ କୁମାର ତ୍ରିପାଠୀ ତଥା ସ୍ୱର୍ଗତଃ ପତିଙ୍କର ଅନ୍ୟତମ ସ୍ୱପ୍ନର ଅନୁଷ୍ଠାନ ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘର ସଭାପତି ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସାଧାରଣ ସଂପାଦକ ବିଶ୍ୱଜିତ୍ ପଟ୍ଟନାୟକ (ସିଲୁ) ପରିଚାଳନା କରିଥିଲେ । ସ୍ୱର୍ଗତଃ ପତିଙ୍କ ଦେହାବସାନ ପରଠାରୁ ବ୍ରାହ୍ମଣ ଭୋଜନ, ଦୁଃଖୀରଙ୍କିଙ୍କ ସେବା ସହ ତାଙ୍କ ଏକାଦଶାହରେ ବିଦ୍ୟାଳୟ ପରିସରରେ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଆୟୋଜନ କରାଯାଇ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ଏହି ଅବସରରେ ଭଜନ ସମାରୋହ, ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ପ୍ରକାଶ ଥାଉକି ୧୯୬୩ ମସିହା ଅକ୍ଟୋବର ମାସ ୨୭ ତାରିଖରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତଃ ପତି ତାଙ୍କ ଜୀବନକାଳ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସହ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ଅନୁଷ୍ଠାନ ସହ ଜଡିତ ରହି ବେଶ୍ ଲୋକପ୍ରିୟତା ହାସଲ କରି ଗତ ଜୁଲାଇ ମାସ ୩୦ ତାରିଖରେ ୫୯ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଥିଲେ ।

## ରିଜିଓନାଲ ମହାବିଦ୍ୟାଳୟ ପରିସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ଯୁବଦିବସ ପାଳିତ

ଯାଜପୁର (ପିଏନ୍): ଯାଜପୁର ରାମବାଗ ସ୍ଥିତ ରିଜିଓନାଲ ମହାବିଦ୍ୟାଳୟ ପରିସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତର୍ଜାତିକ ଯୁବ ଦିବସ ପାଳିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ଡିଗ୍ରୀ କଲେଜ ଅଧକ୍ଷ ପ୍ରମୋଦ କୁମାର ମହାନ୍ତିଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ଡକ୍ଟର ବିଜୟ ସୁନ୍ଦର ରାୟ, ସମ୍ମାନୀୟ ଅତିଥି ଭାବେ ପ୍ରଫେସର ଅବଦୁଲ ଅଲ୍ଲୀ ଖାଁ, ରିଜିଓନାଲ ଜୁନିଅର କଲେଜର ଅଧକ୍ଷ ଅନିଲ କୁମାର ମହାନ୍ତି, ସ୍ୱାତି ପ୍ରିୟଦର୍ଶନୀ ଆର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଯୁବ ଅନ୍ତର୍ଜାତୀୟ ଯୁବ ଦିବସରେ ଆଜାଦକି ଅମୃତ ମହୋତ୍ସବ ସ୍କିଲ୍ ଡେଭ୍‌ଲପମେଣ୍ଟ କାର୍ଯ୍ୟକ୍ରମ, ମୋ କଲେଜ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ପିଲାମାନଙ୍କୁ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ପ୍ରତିଯୋଗିତା ଯଥା: ଝୋଟି, ମୁରୁଜ, ବକ୍ତୃତା, ଗୀତ, ନାଚ, ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଅଛି । କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଦିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଅଧାପକ ରଞ୍ଜିତ ସିଂ, ଜଗନ୍ନାଥ ପରିଡ଼ା, ସରୋଜ କୁମାର ଜେନା, ଶୁଭେନ୍ଦୁ ମହାପାତ୍ର, ଡକ୍ଟର ଶଶଧର ଦାସ, ବିଜୟ ଦାସ, ପ୍ରିୟରଂଜନ ପରିଡ଼ା, ଗୌରାଙ୍ଗ ଚରଣ ବେହେରା, ସୋମ୍ୟରଂଜନ ପଲାଇ, ଅଧାପିକା ବିଜୟିନୀ ପାକିଜା ସାମଲ, ବିଶ୍ୱାମିତ୍ର ଦାସ, ନିବେଦିତା ବେହୁରିଆ, ଅର୍ଣ୍ଣପୂର୍ଣ୍ଣ ଦାସ, ସଂଗୀତା ପତି, କ୍ଷୀରଦ୍ଧି ସେଣ୍ଠି, ଝାନ୍ସୀ ରାଣୀ ମଲ୍ଲିକ୍, କୃଷ୍ଣପ୍ରିୟା ସାହୁ, ଶ୍ରଦ୍ଧାଞ୍ଜଳି ରାଉତ, ଅନିତା ପଣ୍ଡା, ମୁକ୍ତିପ୍ରଭା ସାମଲ, ସ୍ମିତାରାଣୀ ସାମଲ, ସତ୍ୟକାମ ମହାନ୍ତି, ସ୍ମୃତିରଂଜନ ସ୍ୱାଇଁ, ପ୍ରଶାନ୍ତ କୁମାର ସ୍ୱାଇଁ, ହିମାଂଶୁ ରାଉତ, ସନ୍ତୋଷ ଦାସ, ହିମାଂଶୁ ସାହୁ, ବିରଞ୍ଚି ନାରାୟଣ ମହାନ୍ତି, ଅମର କୁମାର ବେହେରା, ଶ୍ୟାମସୁନ୍ଦର ମିଶ୍ର, ଶମ୍ଭୁନାଥ ଦାସ, ଚନ୍ଦନ ଦାସ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ ।

## ଏନ୍‌ଓସି ଫାଉଣ୍ଡେସନ୍ ପକ୍ଷରୁ ରିଲିଫ୍ ପ୍ରଦାନ



ପାରାଦୀପ (ପିଏନ୍)-କରୋନା ମହାମାରୀ ପ୍ରଭାବରେ ସମସ୍ତଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଥିବା ବେଳେ ନିକଟରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ପାରାଦୀପ ଅଂଚଳର ବିଭିନ୍ନ କଲୋନୀ ଓ ବସ୍ତି ବାସିନ୍ଦାମାନେ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ । ପରିସ୍ଥିର ଗମ୍ଭିରତାକୁ ହୃଦୟଙ୍ଗମ କରି ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏନ୍‌ଓସି ଫାଉଣ୍ଡେସନ୍ ରାଜ୍ୟ ସଂଯୋଜିକା ଶୈଳେନ୍ଦ୍ରୀ ସେନାପତିଙ୍କ ନେତୃତ୍ୱରେ ଫାଉଣ୍ଡେସନର ସଭ୍ୟାମାନେ ଅଠରବାଙ୍କୀର ପ୍ରାଣନାଥ କଲୋନୀ, ଲେପ୍ରସି କଲୋନୀ, ମୁଣ୍ଡାପଡା ବସ୍ତି, ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମ ପ୍ରମୁଖ ସ୍ଥାନରେ ଚୁଡା, ଗୁଡ, ବିସ୍କୁଟ ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରିଥିଲେ । ସୁଚନା ଥାଉକି, କରୋନା ମହାମାରୀ ସମୟରେ ବିପଦକୁ ଖାତିର ନକରି ଏନ୍‌ଓସି ଫାଉଣ୍ଡେସନ୍‌ର ସଂଯୋଜିକା ଶ୍ରୀମତୀ ସେନାପତି ଏବଂ ତାଙ୍କର ସଦସ୍ୟା ମାନେ ସହରରେ ସଚେତନତା ସମେତ ନିଜସ୍ୱ ଆୟୋଜନରେ ସାଧାରଣରେ ମାସ୍କ, ସାନିଟାଇଜର ଏବଂ ରିଲିଫ୍ ସାମଗ୍ରୀ ଦୀର୍ଘ ଦିନ ବଂଟନ କରି ସାଧାରଣରେ ବେଶ୍ ପ୍ରଶଂସିତ ହୋଇଥିଲେ । ବିନା ସ୍ୱାର୍ଥରେ ସମାଜସେବା ପାଇଁ କାର୍ଯ୍ୟ କରୁଥିବା ଏହି ସଂସ୍ଥା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com
TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବିନା ସୂଚନା ଫଳକରେ ନିର୍ମାଣକାର୍ଯ୍ୟକୁ ନେଇ ଅସନ୍ତୋଷ

ନୂଆପଡା, (ପିଏନ)– ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ସଦର ପ ।ୟତ ଜଗନ୍ନାଥ ଛକ ନିକଟ ଘୋଡାପଡା ଗଲି ରାସ୍ତା କଂକ୍ରିଟ କରଣ କାର୍ଯ୍ୟ ବିନା ସୂଚନା ଫଳକରେ ହୋଇଥିବା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି । ପ୍ରକାଶ ଯୋଗ୍ୟ ଯେ ଜନସାଧାରଣଙ୍କ ଅବଗତି ନିମନ୍ତେ ଯେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହେଲେ, କାର୍ଯ୍ୟସ୍ଥଳରେ ଏକ ସୂଚନା ଫଳକ ଦେବାର ସରକାରୀ ବ୍ୟବସ୍ଥା ରହିଅଛି । ଉକ୍ତ ଫଳକରେ ସେହି କାର୍ଯ୍ୟ ସମ୍ବନ୍ଧୀୟ ସବିଶେଷ ବିବରଣୀ ରହିବା କଥା । କିନ୍ତୁ ଏଠାରେ ବିଭାଗୀୟ ସରକାରୀ ଅଧିକାରୀ, କର୍ମଚାରୀଙ୍କ ଅବହେଳା ତଥା ମନମୁଖି କାର୍ଯ୍ୟ ଯୋଗୁଁ ସୂଚନା ଫଳକ ଦିଆଯାଇ ନାହିଁ । ଯାହାଫଳରେ ଜନସାଧାରଣ କାର୍ଯ୍ୟ ସମ୍ବନ୍ଧୀୟ କୌଣଷି ସୂଚନା ଜାଣିପାରୁ ନଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଉକ୍ତ କାର୍ଯ୍ୟର ଅଟକଳ ମୂଲ୍ୟ କେତେ, କେତେ ଦୂରତା ପର୍ଯ୍ୟନ୍ତ ନିର୍ମାଣ ହେବ, ତାହା ଜାଣି ପାରୁ ନାହାନ୍ତି । କେଉଁ ଉଦ୍ଦେଶ୍ୟରେ ଏଭଳି ସରକାରୀ ବ୍ୟବସ୍ଥାକୁ ଅବମାନନା କରାଯାଉଛି, ସେନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହା ଠିକାଦାର ପୋଷାନୀତିରେ ଚାଲିଛି ବୋଲି ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି । ନିର୍ମାଣ କାର୍ଯ୍ୟ ନିମ୍ନମାନ ହୋଇଥିବା ନେଇ ପଡାବାସୀ ଅଭିଯୋଗ କରିବାରୁ ସଂପୃକ୍ତ ଠିକାଦାର ପଡାବାସୀଙ୍କ ଉପରେ ଅସନ୍ତୋଷ ଥିବା ସେମାନେ ପ୍ରକାଶ କରନ୍ତି । ଏ ନେଇ ପଡାବାସୀ ସିନାପାଲି ବିଡିଓଙ୍କୁ ଏକ ଲିଖିତ ଅଭିଯୋଗ କରିଥିବା ପ୍ରକାଶ କରିବା ସହ ଏହାର ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ଥାନୀୟ ଉଦ୍ଧବ ମେହେର, କ୍ଷମାନିଧି ମେହେର, ଲିଙ୍ଗରାଜ ମେହେର, ସୂର୍ଯ୍ୟକାନ୍ତୀ ମେହେର, ନିର ମେହେର, ବାସନ୍ତୀ ମେହେର, ପରମେଶ୍ୱର ମେହେର, ସନ୍ତୋଷ ମେହେର, ରଞ୍ଜନ ମେହେର, ନିରାଶ ମେହେର, ବିଳାଶ ମେହେର, ଭୋକରଧନ ମେହେର ପ୍ରମୁଖ ଦାବି କରିଛନ୍ତି । ଏସଂକ୍ରାନ୍ତରେ ସିନାପାଲି ବିଡିଓ ସଦାଶିବ ନାଏକଙ୍କୁ ପଚାରିବାରୁ ଏ ବିଷୟରେ ଅଭିଯୋଗ ହୋଇଛି, ତାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ ।

## ସୂଚନା ଅଧିକାର କର୍ମୀଙ୍କୁ ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ଧାରଣା

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲା ସୂଚନା ଅଧିକାର ଅଭିଯାନର ସଦସ୍ୟ ଜନକର ଜେନାଙ୍କୁ ମରଣାତ୍ମକ ଆକ୍ରମଣ କରାଯାଇ ଥିବା ପ୍ରତିବାଦରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଅନ୍ୟ ସୂଚନା ଅଧିକାର କର୍ମୀମାନେ ଧାରଣା ଦେବା ସହ ଆକ୍ରମଣକାରୀ ଜିଲ୍ଲା ପରିଷଦ ସଭ୍ୟଙ୍କୁ ଗିରଫ ପାଇଁ ଦାବି କରିଛନ୍ତି । ମାର୍ଶାଘାଇ ଥାନା ଓ ମହାକାଳପଡା ବ୍ଲକ ଅଧିନ କରଞ୍ଜ ଗ୍ରାମରେ ବିଦ୍ୟାଳୟ ନବୀକରଣ ଯୋଜନାରେ କେତେ ଅର୍ଥ ଖର୍ଚ୍ଚ ହୋଇଛି ଜାଣିବା ପାଇଁ ଜନକର ଜେନା ସଂପୃକ୍ତ ସ୍କୁଲକୁ ତଥ୍ୟ ମାଗିଥିଲେ । ଏନେଇ ୨୦ ନଂ ଜିଲ୍ଲା ପରିଷଦ ସଭ୍ୟ ସୁବୋଧ କୁମାର ଲେଙ୍କା ଉତ୍କ୍ଷିପ୍ତ ହୋଇ ୧୭ ତାରିଖରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏନେଇ ମାର୍ଶାଘାଇ ଥାନାରେ ଏତଲା ଦିଆଯାଇ ଥିଲେ ମଧ ୩୨୫/୨୦୨୨ ରେ ଏକ ମାମଲା ରୁଜୁ କରାଯାଇଛି । ତେବେ ଏହା ଠିକଣା ତଦନ୍ତ କରା ନଯାଇ ଟାଳଟୁଳ ନୀତି ଅବଲମ୍ବନ କରାଯାଉ ଥିବାରୁ ଓ ୧୪ଦିନ ବିତି ଯାଇଥିଲେ ମଧ ଅଭିଯୁକ୍ତକୁ ଗିରଫ କରାଯାଇ ନଥିବାରୁ ସୂଚନା ଅଧିକାର ଆବାହକ ପ୍ରତାପ ମହାନ୍ତିଙ୍କ ନେତୃତ୍ୱରେ ଭାଗିରଥୀ ଜେନା, ଅମର ବିଶ୍ୱାଳ ପ୍ରମୁଖ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି ।

## ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉତ୍ତମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲ୍ୟାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ ।

## ଯମୁନା କୋଟ ଗ୍ରାମରେ ରାସନ ସାମଗ୍ରୀ ହେରଫେର

ଭୁବନ,(ପି.ଏନ): ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ଗରିବ ଲୋକଙ୍କୁ ରାଜ୍ୟସରକାର ଟଙ୍କିକିଆ ଚାଉଳ ଯୋଗାଇ ଦେଉଥିବା ବେଳେକେନ୍ଦ୍ରସରକାର ମାସିକ ମୁଣ୍ଡପିଛା ୫ କିଲୋ ମାଗଣା ଚାଉଳ ଯୋଗାଇ ଦେଉଛନ୍ତି । ଡିଲରମାନେ ଏଥିରେ ବ୍ୟାପକ ହେରାଫେରି କରୁଥିବା ଅଭିଯୋଗ ହୋଇ ଆସୁଥିବା ବେଳେ ଥାନାଧିକାରୀ ଙ୍କ ଧମକ ପରେ ଏହିଘଟଣାଏବେ ହାଟରେ ପଡି ଦାଣ୍ଡରେ ଗଡୁଛି । ଭୁବନ ବ୍ଲକ ଅନ୍ତର୍ଗତ ଯମୁନା କୋଟ ଗ୍ରାମରେ ରାସନ ସାମଗ୍ରୀ ବଣ୍ଟନ ଦାୟିତ୍ୱ ନେଇଥିବାଗୋଷ୍ଠୀ ପ୍ରବଳ ହେରାଫେରି କରୁଥିବା ସଂପର୍କରେ ଭୁବନ ଥାନାରେ ଅଭିଯୋଗ ହେବାଏବଂ ଆଇ ଆଇସି ଙ୍କ ତାଗିଦ ପରେ ହିତାଧିକାରୀ ଚାଉଳ ପାଇବାଘଟଣା ସ୍ଥାନୀୟ ଅଂଚଳରେ ମୁଖ୍ୟଚର୍ଚ୍ଚା ଓ ଆଲୋଚନାର ବିଷୟ ହୋଇଛି । ଖୋଦ ବ୍ଲକ ଅଧକ୍ଷା ଙ୍କ ଗ୍ରାମରେ ଏପରି କେଳେଙ୍କାରି ଚାଲିଥିବା ବେଳେ ଅନ୍ୟ ଅଂଚଳ କଥା କଣ ତାହାସହଜରେ ଅନୁମେୟ ବୋଲି ବୁଦ୍ଧିଜୀବୀ ମହଲ ଆଲୋଚନା କରୁଛନ୍ତି । ଘଟଣାରୁ ପ୍ରକାଶ ଯେ , ଯମୁନା କୋଟ ଗ୍ରାମର ରଂଜନା ମଳିକ , ନରେଶ ସାହୁ, କୁମ୍ଭ ପାଣି, ଫୁଲମଳିକ ପ୍ରମୁଖ ୨୨ ଜଣ ବ୍ୟକ୍ତିଙ୍କର ରାସନ ସାମଗ୍ରୀ ହଡପ ହେଉଥିବା ସଂପର୍କରେ ବିଡିଓ ଏବଂ ଯୋଗାଣ ନିରୀକ୍ଷକ ଙ୍କ ନିକଟରେ ବାରମ୍ବାର ଅଭିଯୋଗ ହେବାସତ୍ତ୍ୱେ ସେମାନଙ୍କୁ ଚାଉଳମିଳୁନଥିଲା । ଶେଷରେ ଭୁବନ ଥାନାରେ ଲିଖିତ ଅଭିଯୋଗ ହେବା ପରେ ଆଇ ଆଇସି ସୌଭାଗ୍ୟ କୁମାର ସ୍ୱାଇଁ ଘଟଣାର ତଦନ୍ତକରିଯମୁନାକୋଟଗ୍ରାମରେ ରାସନ ସାମଗ୍ରୀ ବଣ୍ଟନ ଦାୟିତ୍ୱନେଇଥିବା ଗ୍ରାମ୍ୟ କମିଟିର ଶାନ୍ତନୁ ଓଝା , ବିରଂଚି ନାୟକ , ବିଜୁ ବେହେରାଙ୍କୁତାଗିଦ କରିଥିଲେ ।

## ଉତ୍କଳ ଖଦୀ ମଣ୍ଡଳ ପକ୍ଷରୁ ଲୋକନାୟକ ଜୟପ୍ରକାଶ ନାରାୟଣ ଓ ସର୍ବୋଦୟ ନେତା ମନମୋହନ ଚୌଧୁରୀଙ୍କ ଜନ୍ମ ଜୟନ୍ତୀ ପାଳିତ

ଭୁବନେଶ୍ୱର, (ପିଏନ)– ଉତ୍କଳ ଖଦୀ ମଣ୍ଡଳ ପକ୍ଷରୁ କେଦାର ଲେନ୍, ଗାନ୍ଧୀ ଭବନ ପରିସରରେ ଲୋକନାୟକ ଜୟପ୍ରକାଶ ନାରାୟଣ ଓ ସର୍ବୋଦୟ ନେତା ମନମୋହନ ଚୌଧୁରୀଙ୍କ ଜୟନ୍ତୀ ଅବସରରେ ଦେଶର ସାମ୍ପ୍ରତିକ ପରିସ୍ଥିତି ଉପରେ ଏକ ଆଲୋଚନା ସଭା ଉତ୍କଳ ଖଦୀ ମଣ୍ଡଳ ସଭାପତି ବିଶିଷ୍ଟ ଗାନ୍ଧୀବାଦୀ ବରିଷ୍ଠ ଆଡ଼ଭୋକେଟ ବୈଷ୍ଣବ ଚରଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ସହ ଦେଶର ସାମ୍ପ୍ରତିକ ପରିସ୍ଥିତିକୁ ଆଖି ଆଗରେ ରଖି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ଗାନ୍ଧୀଙ୍କର ଅସହଯୋଗ ଅହିଂସା ଆନ୍ଦୋଳନକୁ ଦେଶର ବର୍ତ୍ତମାନ ସ୍ଥିତିରେ ନିତାନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ସେତେବେଳେ ବିରାଟ ବ୍ରିଟିଶ ବାହିନୀ ବିନା ଅସ୍ତ୍ରରେ ଆମ ଦେଶରୁ ବିତାଡ଼ିତ କରିଥିଲେ । ତାଙ୍କର ଅସ୍ତ୍ର ଥିଲା ବିଦେଶୀ ଦ୍ରବ୍ୟ ବର୍ଜନ କରି ସ୍ୱଦେଶୀ କାରିଗରୀରେ ଦ୍ରବ୍ୟ ବ୍ୟବହାର କରିବା । ସେଥିପାଇଁ ସେ ଲୋକମାନଙ୍କୁ ହାତ ତିଆରି ଅରଟରେ ସୂତା କାଟି ଲୁଗା ବୁଣି ପିନ୍ଧିବାକୁ କହୁଥିଲେ । ବ୍ରିଟିଶ ମାନଙ୍କୁ ପରାସ୍ତ କରିବାକୁ ଗାନ୍ଧୀଙ୍କର ମୁଖ୍ୟ ଅସ୍ତ୍ର ଥିଲା ଅରଟ । ସେହିପରି ଖଦୀ ଗ୍ରାମାଂଚଳ ଉଦ୍ୟୋଗର ପ୍ରାକ୍ତନ ନିର୍ଦ୍ଦେଶକ ମୁଖ୍ୟ ବକ୍ତା କ୍ଷୀରୋଦ ରଞ୍ଜନ ସାହୁ ମଧ ସାମ୍ପ୍ରତିକ ପରିସ୍ଥିତି ପାଇଁ ଗଭୀର ପଂଚଭୂତ ପ୍ରଦୂଷିତ ହୋଇଛି । ଏହାକୁ ପ୍ରଦୂଷଣମୁକ୍ତ କରିବା ନିତାନ୍ତ ଜରୁରୀ ଅଟେ । ପରିବର୍ତ୍ତନର ସମ୍ପାଦକ ଆଡ଼ଭୋକେଟ ରମାକାନ୍ତ ପରିଜା ଜୟପ୍ରକାଶଙ୍କ ଆତ୍ମ ଜୀବନୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସେ ଆହୁରି ମଧ କହିଥିଲେ ଆମେ ବର୍ତମାନ ପରିସ୍ଥିତିରେ ପୂର୍ବପୁରୁଷ କଥାକୁ ମାନି ଚଳିଲେ ରାମରାଜ୍ୟ ଫେରି ଆସିବ । ଶେଷରେ ପ୍ରଭାସ ଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଖଦୀ ମଣ୍ଡଳର ସମ୍ପାଦକ ଧ୍ରୁବଚରଣ ଲେଙ୍କା, ବିରଂଚି ନାରାୟଣ ଗାଆଣ, ଶରତ ଚନ୍ଦ୍ର ମୁଦ୍ରା, ରଞ୍ଜନ କୁମାର ନାୟକ, ଶାନ୍ତିଲତା ଲେଙ୍କା, ବିଦ୍ୟାଧର ନାୟକ ଓ ବିଶ୍ରୁ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

## କୋର ନିମ୍ବ ଦାରୁ ମନ୍ଦିରରେ ନୂଆ ଖାଇ ଭେଟଘାଟ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅଧିନ କୋର ଗ୍ରାମରେ ଥିବା ଦେବୀ ପୀଠ ନିମ୍ବଦାରୁ ମନ୍ଦିରରେ ନୂଆଖାଇ ଭେଟଘାଟ ଓ କବି ସମ୍ମିଳନୀ କାର୍ଯ୍ୟକ୍ରମ ଅନନୁଷ୍ଠିତ ହୋଇ ଯାଇଛି । ସତୀର୍ଥର ସଭାପତି ଅମ୍ବର ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେମର ସଭାପତି ତଥା ବଗଡା କୃଷି ସମବାୟ ସମିତିର ସଭାପତି ସମାଜସେବୀ ଅକ୍ଷୟ କୁମାର ପାଣି ମୁଖ୍ୟ ବକ୍ତାଭାବେ ଯୋଗ ଦେଇ କୃଷି ଭିତିକ ଗଣପର୍ବ ନୂଆଖାଇ ରେ ନୂତନ ଶସ୍ୟର ଭୋଗ ପ୍ରସ୍ତୁତ କରି ପ୍ରକୃତି ମାତା ଓ ଗ୍ରାମ ଦେବତୀଙ୍କୁ ସମର୍ପଣ କରିବା ସାମାଜିକ ସଦ୍‌ଭାବନାର ପରିଚାୟକ ବୋଲି କହିଥିଲେ । ପୂର୍ବତନ ଅଧକ୍ଷ ବୈକୁଣ୍ଠ ନାଥ ପରିଡା, କବି ହେମନ୍ତ ରାଉତ, ଗୋବିନ୍ଦ ଚନ୍ଦ୍ର ନାୟକ, ତାରିଣୀ ପ୍ରସାଦ ଜେନା, କବି ରାମକୃଷ୍ଣ ଦାସ, ଡ଼ଃ ବଳରାମ ଲେଙ୍କା, ନିରଞ୍ଜନ ମେକାପ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

## ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୧୮ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର, (ପିଏନ)– ଭାରତ ବର୍ଷରେ ସମାଜବାଦୀ ଆନ୍ଦୋଳନ ଓ ସମ୍ପୂର୍ଣ୍ଣ କ୍ରାନ୍ତିର ମହାନାୟକ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୧୮ତମ ଜନ୍ମ ଜୟନ୍ତୀ ଆଜି ସାମାଜିକ ଦୂରତା ରକ୍ଷା କରାଯାଇ ପାଳନ କରାଯାଇଛି । ଭୁବନେଶ୍ୱର ରେଳଷ୍ଟେସନ୍ ନିକଟରେ ଥିବା ଲୋକନାୟକଙ୍କ ପ୍ରତିମୂର୍ତ୍ତିରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ହିନ୍ଦ୍ ମଜଦୁର୍ ସଂଘ ତରଫରୁ ପଂଚାନନ ସେନାପତି, ଉତ୍କଳ ଯାଦବ ମହାସଭା ସାଂସ୍କୃତିକ ସେଲ୍ ସଂଯୋଜକ ଲକ୍ଷ୍ମୀଧର ବେହେରା, ସାମାଜିକ ନ୍ୟାୟ ଆନ୍ଦୋଳନ ପ୍ରବକ୍ତା ପ୍ରଭାସ ସାମନ୍ତରାୟ, ସଂସ୍କୃତି ପ୍ରେମୀ ନଗେନ୍ କୁମାର ନାୟକ, ଯାଜ୍ଞସେନ ପଣ୍ଡା, ଅଖିଳ ସ୍ୱାଇଁ, ପ୍ରଶାନ୍ତ ଜେନା, ଶିଶିର ନାୟକ, ତିମିର ନାୟକ, ବେଦବିଦ୍ୱାନ ସୁରେନ୍ଦ୍ରନାଥ ଛୋଟରାୟ, ସଙ୍ଗୀତଜ୍ଞ ବଶିଷ୍ଟ ନାୟକଙ୍କ ସମେତ ବିଭିନ୍ନ ବର୍ଗର ଜନସାଧାରଣ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ପ୍ରଥମେ ବାମପନ୍ଥୀ ଚିନ୍ତାଧାରା ଓ ପରବର୍ତ୍ତୀ ଅବସ୍ଥାରେ ସମାଜବାଦ ଚିନ୍ତାଧାରା ମାଧ୍ୟମରେ ଦଳିତ, ନିଷ୍ପେସିତ ଜନସାଧାରଣଙ୍କୁ ଶୋଷଣମୁକ୍ତ କରିବା ସହିତ କୃଷକ, ଶ୍ରମିକ ଓ ନିର୍ଯ୍ୟାତିତ ହେଉଥିବା ଜନସାଧାରଣଙ୍କ କଲ୍ୟାଣ ପାଇଁ ସଦା ସର୍ବଦା ସଂଘର୍ଷ ଜାରି ରଖିଥିଲେ । ଗଣତନ୍ତ୍ରର ସୁରକ୍ଷା ପାଇଁ ଜୟପ୍ରକାଶ ନାରାୟଣ ସମଗ୍ର ଦେଶରେ ସମ୍ପୂର୍ଣ୍ଣ କ୍ରାନ୍ତି ମାଧ୍ୟମରେ ଯେଉଁ ଜନଆନ୍ଦୋଳନ ଗଢିତୋଳିଲେ ତାହାର ପ୍ରଭାବ ସ୍ୱରୂପ ୧୯୭୭ ମସିହାରେ ପ୍ରଥମ ଅଣକଂଗ୍ରେସ ସରକାର କେନ୍ଦ୍ରରେ ଗଠନ ହୋଇପାରିଥିଲା । ମାତ୍ର ଅଣକଂଗ୍ରେସ ଶକ୍ତିଙ୍କ ମଧ୍ୟରେ ଥିବା ବିଚାରଧାରାର ସମନ୍ୱୟ ଅଭାବରୁ ଏକ ଧର୍ମନିରପେକ୍ଷ ଅଣକଂଗ୍ରେସ ଶାସନ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଲା । ସାମ୍ପ୍ରତିକ ସ୍ଥିତିରେ ଦେଶରେ ସମସ୍ତ ଧର୍ମନିରପେକ୍ଷ ଓ ଅଣକଂଗ୍ରେସ ଶକ୍ତି ଏକାଠି ହେଲେ ଗଣତନ୍ତ୍ରର ସୁରକ୍ଷା ସହିତ ଦେଶର ଧର୍ମନିରପେକ୍ଷତା ବଜାୟ ରହିପାରିବ ବୋଲି ବକ୍ତାମାନେ ମତ ଦେଇଥିଲେ ।

## ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)– ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ – ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ । ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଶହୀଦ ବାଜି ରାଉତଙ୍କ ନାମରେ ଜାତୀୟ ସ୍ତରରେ ଏକ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ଏବଂ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା କରାଯାଇ ତାଙ୍କ ପ୍ରତିମୂର୍ତ୍ତିକୁ ସେଠାରେ ସ୍ଥାନିତ କରାଯିବାକୁ ଶ୍ରୀ ବେହେରା ଦାବି କରିଛନ୍ତି ।

## ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)– ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣୀକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।

## ବାବା ପ୍ରେମାନନ୍ଦ ଗିରିଙ୍କ ୬୩ ତମ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନ,(ପି.ଏନ): ଭୁବନ ଏନଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡ କାଶୀ ବିଶ୍ୱନାଥ ମନ୍ଦିର (ଛତାମଠ) ଠାରେ ପରମ ପୂଜ୍ୟବାବା ପ୍ରେମାନନ୍ଦ ଗିରିଙ୍କର ୬୩ତମ ଶ୍ରାଦ୍ଧୋତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ବାବା ରାମାନନ୍ଦ ଭାରତୀ ଙ୍କ ଅଧକ୍ଷତା ଓ କାଶୀବିଶ୍ୱନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ହରିହରସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଶ୍ରାଦ୍ଧୋତ୍ସବରେ ବହୁ ସାଧୁ ସନ୍ଥ ଯୋଗ ଦେଇଥିଲେ । ସଂଧ୍ୟାରେ ଭାଗବତଚର୍ଚ୍ଚା ଓ ନାମସଂକୀର୍ତ୍ତନ କରାଯଇଥିଲା । ବହୁ ଶ୍ରଦ୍ଧାଳୁଭକ୍ତ ଯୋଗଦେଇ ସାମୁହିକ ପ୍ରସାଦ ସେବନ କରିଥିଲେ ।


MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Saturday September 03, 2022 ଭୁବନେଶ୍ୱର ଶନିବାର, ସେପ୍ଟେମ୍ବର ୦୩,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## କିମ୍ସ ଓଡ଼ିଶାର ଶ୍ରେଷ୍ଠ ମେଡିକାଲ କଲେଜ




ଭୁବନେଶ୍ୱର,(ପି.ଏନ): କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ (କିମ୍ସ) ମେଡିକାଲ୍ କଲେଜ ରାଜ୍ୟର ଶ୍ରେଷ୍ଠ ମେଡିକାଲ କଲେଜ ଏବଂ ସମଗ୍ର ଭାରତର ଘରୋଇ ମେଡିକାଲ୍ କଲେଜ ଭାବେ ୧୬ତମ ସ୍ଥାନରେ ରହିଛି। ନିକଟରେ 'ଦି ଉଇକ' ପତ୍ରିକା ଏବଂ ହଂସ ରିସର୍ଚ୍ଚ ପକ୍ଷରୁ କରାଯାଇଥିବା ସର୍ଭେରେ କିମ୍ସ ଓଡ଼ିଶାର ଶ୍ରେଷ୍ଠ ମେଡିକାଲ୍ କଲେଜ ଭାବେ ସ୍ଥାନ ପାଇଛି। ଉତ୍ତମ ମାନର ଡାକ୍ତରୀ ଶିକ୍ଷାଦାନ ଓ ଗବେଷଣା, ଉତ୍ତମ ଚିକିତ୍ସା ଓ ରୋଗୀସେବା ପାଇଁ କିମ୍ସକୁ ଏହି ସଫଳତା ମିଳିଛି। ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ କିମ୍ସର ସମସ୍ତ ପ୍ରଫେସର ଓ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ୨୦୦୭ରେ ଆରମ୍ଭ ହୋଇଥିବା କିମ୍ସ ଖୁବ୍ ଅଳ୍ପ ବର୍ଷ ମଧ୍ୟରେ ଡାକ୍ତରୀ ଶିକ୍ଷା, ଓ ଚିକିତ୍ସା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁନାମ ଆଣିପାରିଛି। ସୂଚନାଯୋଗ୍ୟ, ନିକଟରେ କେନ୍ଦ୍ର ସରକାରଙ୍କ ଏନ୍‌ଆଇଆରଏଫ୍ ର୍ୟାଙ୍କିଂରେ କିମ୍ସ ଦେଶର ଶ୍ରେଷ୍ଠ ମେଡିକାଲ କଲେଜର ୩୦ତମ ସ୍ଥାନରେ ରହିଥିବା ବେଳେ ଆଉଟଲୁକ୍ ପତ୍ରିକା ଓ ଏନ୍‌ଇବି ରିସର୍ଚ୍ଚ ଦ୍ୱାରା କରାଯାଇଥିବା ର୍ୟାଙ୍କିଂରେ ଦେଶର ସମଗ୍ର ପୂର୍ବାଞ୍ଚଳରେ କିମ୍ସ ୫ମ ସ୍ଥାନରେ ରହିଥିଲା। ଡାକ୍ତରୀ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି କରିବା ସହ ଓଡ଼ିଶାରେ ଗୁଣାତ୍ମକ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉ ଏକ ମାଇଲ୍ ଖୁଣ୍ଟ କିମ୍ସ ସୁପରସ୍ପେଶିଆଲିଟି ହସ୍ପିଟାଲ୍ ଏବଂ କିମ୍ସ କ୍ୟାନ୍‌ସର ସେଣ୍ଟର ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି।

## ସେପ୍ଟେମ୍ବର ୪ରେ ପାରାଦୀପରେ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ,(ପି.ଏନ): ବିଭିନ୍ନ କାରଣରୁ ଏବେ କର୍କଟ (କ୍ୟାନ୍ସର) ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେବେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ବ୍ୟାପକ ଜନ ସଚେତନତା ର ଆବଶ୍ୟକତା ହୋଇପଡ଼ିଛି। ଆମ ଦେଶକୁ କର୍କଟ ମୁକ୍ତ ରଖିବା ଲକ୍ଷ୍ୟ ନେଇ କଟକର କାର୍ସିନୋଭା ଫାଉଣ୍ଡେସନ ଦେଶ ଓ ରାଜ୍ୟର ବିଭିନ୍ନ ସ୍ଥାନରେ ଆରମ୍ଭ କରିଛି ନୂତନ ସଚେତନତା ଅଭିଯାନ। ଏହି ପରିପ୍ରେକ୍ଷୀରେ କାର୍ସିନୋଭା ଫାଉଣ୍ଡେସନ ପକ୍ଷରୁ ଆସନ୍ତା ସେପ୍ଟମ୍ବର ୪ ତାରିଖ ରବିବାର ଦିନ ପାରାଦୀପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଫାଉଣ୍ଡେସନ ର ମୁଖ୍ୟ ଡ଼ା.କ୍ଷିତିଶ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନଙ୍କ ସହଯୋଗରେ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ର ସମ୍ମିଳନୀ କକ୍ଷରେ ରବିବାର ପୂର୍ବାହ୍ନ ୧୧ଟା ସମୟରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଡ଼ା.ମିଶ୍ର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେଇ କର୍କଟ ରୋଗ ନିୟନ୍ତ୍ରଣ କରିବାରେ ସହାୟକ ହେବା ପାଇଁ ଫାଉଣ୍ଡେସନ ଓ କାର୍ଯ୍ୟରତ ସାମ୍ବାଦିକଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

## ବଡ଼ଚଣା ବ୍ଲକ କଂଗ୍ରେସ କମିଟି ପକ୍ଷରୁ କର୍ମୀ ସମ୍ମିଳନୀ



ଦର୍ପଣ,(ପି.ଏନ): ଶୁକ୍ରବାର ଚଣ୍ଡିଖୋଲ ସ୍ଥିତ ମହାବିନାୟକ ମନ୍ଦିର ପ୍ରାଙ୍ଗଣରେ ବଡ଼ଚଣା ବ୍ଲକର ୪୩ ଗୋଟି ପଞ୍ଚାୟତର ପଞ୍ଚାୟତ ସଭାପତି ଓ ଆଗୁଆ ନେତୃମଣ୍ଡଳୀ ମାନଙ୍କୁ ନେଇ ବ୍ଲକ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଉମେଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଓବିସି ସେଲର ଉପଧ୍ୟକ୍ଷ ତଥା ବଡ଼ଚଣା କଂଗ୍ରେସ ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ଯୋଗ ଦେଇ ଆଗାମୀ ଦିନରେ କଂଗ୍ରେସ ସଂଗଠନ ମଜଭୁତ କରିବା ଓ ବଡ଼ଚଣା ବ୍ଲକରେ ହେଉଥିବା ଆବାସ,ଭତ୍ତା ଭଳି ଗରିବ କଲ୍ୟାଣ ଯୋଜନାରେ ଅନିୟମିତତା ଓ ସାଧାରଣ ଲୋକଙ୍କ ମୌଳିକ ସମସ୍ୟାକୁ ନେଇ କିପରି ପ୍ରଶାସନ ଉପରେ ଚାପ ଓ ସମସ୍ତ ଅନିୟମିତତାକୁ ନେଇ ଦୃଢ଼ ଆନ୍ଦୋଳନ କରିବା ଉପରେ ଆଲୋଚନା କରିଥିଲେ କ୍ଷ ଏହି ବୈଠକରେ ବ୍ଲକ କଂଗ୍ରେସ ଉପସଭାପତି ପ୍ରଦୀପ କୁମାର ମହାନ୍ତି ଓ ବରଦା ପ୍ରସାଦ ରାୟ,ଛାତ୍ର ସଭାପତି ସଂଜୀବ ସାମଲ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ସାହୁ,ପତରାଜପୁର ସମିତିସଭ୍ୟ କୁଳମଣି ବାରିକ ପ୍ରାକ୍ତନ ସରପଞ୍ଚ ଉମେଶ ଚନ୍ଦ୍ର ସାମଲ,ପ୍ରାକ୍ତନ ସମିତି ସଭ୍ୟ ଖଗେଶ୍ୱର ବେହେରା, ପ୍ରାକ୍ତନ ସରପଞ୍ଚ ବିରଞ୍ଚି ନାରାୟଣ ସ୍ୱାଇଁ,ସମସ୍ତ ପଞ୍ଚାୟତର ସଭାପତି ଧୂଳେସ୍ୱର ରାୟ, ଦେବେନ୍ଦ୍ର ସାମଲ, ରଞ୍ଜନ ମହାରଣା, ଧନଞ୍ଜୟ ତ୍ରିପାଠୀ, ଦିଲୀପ ରାଉତ, ଧର୍ମରାଜ ମହାନ୍ତି,ବ୍ଲକ ସାଧାରଣ ସମ୍ପାଦକ ବିଭୂତି ଭୂଷଣ ନାୟକ, ବିଚିତ୍ର ଜେନା, ଜୟ ପ୍ରକାଶ ବିଶ୍ୱାଳ, ସତ୍ୟବ୍ରତ ସାମଲ, ରଶ୍ମି ରଞ୍ଜନ ରାଉତ,ବ୍ଲକ କଂଗ୍ରେସ ସମ୍ପାଦକ ଆଶିଶ ଧଳ, ନୃସିହ ନାୟକ,ଦୈତାରୀ ବଳ, ଉପେନ୍ଦ୍ର ବ୍ରହ୍ମ, ମନୋଜ ପଣ୍ଡା, ସାଗର ସାହୁ, ସୁଧୀର ଦାସ, ଜିଲ୍ଲା ଛାତ୍ର କଂଗ୍ରେସ ସମ୍ପାଦକ ଭାଗବତ ଦାସ,ପୂର୍ବତନ ସମିତିସଭ୍ଯ ଭାଗ୍ୟଧର ସ୍ୱାଇଁ, ବାମଦେବ ସାମଲ, ଉଦୟନାଥ ପଣ୍ଡା, ପ୍ରବୀର ନାୟକ, ସନ୍ତୋଷ ସାହୁ, ସେକ ମୁମତାଜ ଅଲ୍ଲୀ, ସତ୍ୟାନନ୍ଦ ତରେଇ, ଲକ୍ଷ୍ମଣ ଜେନାଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

## ଦିଲ୍ଲୀ ବିକାଶପୁରୀ ଠାରେ ଗଣପତି ମହୋତ୍ସବ ସମାପନ




ନୂଆଦିଲ୍ଲୀ, (ପି.ଏନ) : ପଶ୍ଚିମ ଦିଲ୍ଲୀର ବିକାଶପୁରୀଠାରେ ୨୨ତମ ବାର୍ଷିକ ଶ୍ରୀଗଣେଶ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଗଣେଶ ପୂଜା କମିଟି ଓଡ଼ିଆ ସମାଜ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ଜାତୀୟ ରାଜଧାନୀ କ୍ଷେତ୍ରର ବହୁ ବିଶିଷ୍ଟ ଓଡ଼ିଆ ଓ ଅଣଓଡ଼ିଆ ନେତୃବର୍ଗ ଯୋଗଦେଇଥିବା ଦେଖାଯାଇଥିଲା। ଅପରାହ୍ନ ଦେଢ଼ଟା ବେଳେ ମଙ୍ଗଳମୂର୍ତ୍ତିଙ୍କର ପ୍ରତିଷ୍ଠା ଏବଂ ଶ୍ରୀବିଗ୍ରହଙ୍କ ସାମ୍ନାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସମାପନ କରାଯାଇଥିଲା। ପୂଜାରୀଙ୍କର ମନ୍ତ୍ର ଉଚ୍ଚାରଣ ଏବଂ ଭକ୍ତମାନଙ୍କର ଢୋଲକ ବାଦନ ଦ୍ୱାରା ସମଗ୍ର ପରିବେଶ ଭକ୍ତିପୂତ ଏବଂ ଆତ୍ମିକ ଉଲ୍ଲାସରେ ମୁଖରିତ ହୋଇଉଠିଥିଲା। ଦିନ ଅଢ଼ାଇଟାବେଳେ ବୁଦ୍ଧିଦାତାଙ୍କ କରକମଳରେ ପୁଷ୍ପାଞ୍ଜଳି ଅର୍ପଣ କରଯାଇଥିଲା। କରୋନା ମହାମାରୀର ବାଧକତା ଯୋଗୁଁ ଦୀର୍ଘ ଦୁଇ ବର୍ଷର ବ୍ୟବଧାନରେ ଗଣେଶ ଉତ୍ସବ ପାଳନ କରାଯାଉଥିବା ଯୋଗୁଁ ଆୟୋଜକ ଓଡ଼ିଆ ସମାଜର ସଦସ୍ୟ ଓ ସ୍ୱେଚ୍ଛାସେବୀମାନଙ୍କ ମନରେ ଅଭୂତପୂର୍ବ ଆନନ୍ଦ, ଉତ୍ସାହ, ଉଲ୍ଲାସ ଓ ଉଦ୍ଦୀପନା ପରିଲକ୍ଷିତ ହୋଇଥିଲା। ସମାରୋହର ମଧ୍ୟାହ୍ନ ଅଧୀବେଶନରେ ସ୍ଥଳସେନାର ଅବସରପ୍ରାପ୍ତ ଉପମୁଖ୍ୟ ଚଣ୍ଡି ପ୍ରସାଦ ମହାନ୍ତି ଏବଂ ସନ୍ଧ୍ୟା ଅଧୀବେଶନରେ ବରିଷ୍ଠ ପ୍ରଶାସକ ଡଃ ଦେବେନ୍ଦ୍ର ମାଝି ଓ ୱାର୍ଲଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ଅତିଥି ଭାବରେ ଯୋଗଦେଇଥିଲେ।ଏହି ଅବସରରେ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଓଡ଼ିଶାର ତାରକା ଗାୟକ ପ୍ରଭୁପାଦ ମହାନ୍ତି ଥିଲେ। ଶ୍ରୀ ମହାନ୍ତି ତାଙ୍କର ଯାଦୁଭରା ଲୋକପ୍ରିୟ ସଂଗୀତ ପରିବେଷଣ କରି ଉପସ୍ଥିତ ସହସ୍ରାଧୀକ ଶ୍ରଦ୍ଧାଳୁମାନଙ୍କର ଭରପୂର ମନୋରଞ୍ଜନ କରିଥିଲେ। ସେହିପରି କଳାକକ୍ଷ ସାଂସ୍କୃତିକ ସଂଗଠନର ବାଲୁତ କଳାକାରମାନେ ମନଲୋଭା ନୃତ୍ୟ ପ୍ରସ୍ତୁତ କରି ଦର୍ଶକମାନଙ୍କୁ ଖୁବ୍ ମନ୍ତ୍ରମୁଗ୍ଧ କରିଥିଲେ। ଦକ୍ଷ ଉପସ୍ଥାପିକା ଇପ୍‌ସା ପ୍ରତିବିମ୍ବିତା ଷଡ଼ଙ୍ଗୀ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ବେଶ୍ ସ୍ୱଭାବ, ସୁଲଭ ଓ ସୁନ୍ଦର ଢଙ୍ଗରେ ସଞ୍ଚାଳନା କରିଥିଲେ।ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ କଳିଙ୍ଗ ଭାରତୀ ଫାଉଣ୍ଡେସନର ସଭାପତି ଇଞ୍ଜିନିୟର ଅକ୍ଷୟ ସାମଲ, ସଞ୍ଜୟ ଦାସ, ଯୁବ ଶିଳ୍ପୋଦ୍ୟୋଗୀ ସୁମନ୍ତ ବିଶ୍ୱାଳ, ସମାଜସେବୀ ପ୍ରୀତମ ନାୟକ, ଟେନିସ୍ ତାରକା ଦିଲ୍ଲୀପ ମହାନ୍ତି, ଜୀବନଜ୍ୟୋତି ଡାକ୍ତରଖାନାର ମୁଖ୍ୟ ଡଃ ବିନାୟକ ପ୍ରସାଦ, ରୋହିଣୀ ଜଗନ୍ନାଥ ମନ୍ଦିରର ସଦସ୍ୟ ଶରତ ଶର୍ମା, ମହାନ୍ତି ଡାକ୍ତରଖାନାର ଅଧ୍ୟକ୍ଷ ଡଃ ଆର୍.ଆର୍. ମହାନ୍ତି, ପ୍ରତିଷ୍ଠିତ କଣ୍ଠଶିଳ୍ପୀ ସନ୍ତୋଷ ରାଉତ, ଖ୍ୟାତନାମା ଯନ୍ତ୍ର ସଂଗୀତଜ୍ଞ ସୁବୋଧ ପାଢ଼ୀ, ପୂର୍ବତନ ନିଗମ ପାର୍ଷଦ ସରିତା ଜୀନ୍ଦଲ ଓ ସୁନୀଲ ଜିନ୍ଦଲ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ଗତ ଗୁରୁବାର ଦିନ ଶ୍ରୀଗଣେଶଙ୍କର ପ୍ରତିମାକୁ ରୋଷଣି କରି ୱାଜିରପୁରସ୍ଥିତ ଯମୁନା ନଦୀର ଘାଟ ନିକଟକୁ ନିଆଯାଇ ସେଠାରେ ବିସର୍ଜନ କରାଯାଇଥିବା ଜଣାଯାଇଛି। ସମଗ୍ର ମହୋତ୍ସବକୁ ସୂଚାରୁ ରୂପେ ଆୟୋଜନ, ଭବ୍ୟ ଢଙ୍ଗରେ ପରିଚାଳନା ତଥା ବ୍ୟାପକ ସଫଳତାର ସହିତ ସମ୍ପନ୍ନ କରାଯିବା ପଛରେ ଶ୍ରୀଗଣେଶ ପୂଜା କମିଟି ଓଡ଼ିଆ ସମାଜର ପ୍ରଧାନ ପୁରୋଧା ସଭାପତି ବିମଳ ଭଲ ଏବଂ ତାଙ୍କର ସହଧର୍ମିଣୀ ପୁଷ୍ପାଞ୍ଜଳି ବାରିକଙ୍କର ଭୂମିକା ବେଶ୍ ଉଲ୍ଲେଖଯୋଗ୍ୟ ଥିଲା।

## ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର ଆଗାମୀ ୩ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚିତ

ଭୁବନେଶ୍ୱର ,(ପି.ଏନ) : ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର ୨୮ ତମ ରାଜ୍ୟସ୍ତରୀୟ ସମ୍ମିଳନୀ ଆଗାମୀ ୩ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇଛି। ଏହି ନିର୍ବାଚନରେ ଆଗାମୀ ୩ ବର୍ଷ ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡଃ ରାମଚନ୍ଦ୍ର ଖୁଂଟିଆ, କାର୍ଯ୍ୟକାରୀ ସଭାପତି-ଘନଶ୍ୟାମ ଜେନା, ସାଧାରଣ ସଂପାଦକ- କିଶୋର ଜେନା, ପ୍ରଶାନ୍ତ ବେହେରା, ସୌଭାଗ୍ୟ ପ୍ରଧାନ, ଉପସଭାପତି- ମଦନ ମୋହନ ଧଳ, ବନଲତା ମିଶ୍ର, ସଂନ୍ଧ୍ୟା ମହାପାତ୍ର, ଶ୍ୟାମ ସୁନ୍ଦର ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ବିଦ୍ୟାଧର ମହାନ୍ତି, ପରେଶ ଜେନା, କୋଷାଧ୍ୟକ୍ଷ- ଧରଣୀଧର ସ୍ୱାଇଁ, ଯୁଗ୍ମ ସାଧାରଣ ସଂପାଦକ - ନିର୍ମାଲ ସାମଲ, ଅକ୍ଷୟ କୁମାର ତ୍ରିପାଠୀ, ସତ୍ୟବ୍ରତ ନାୟକ, ସଂପାଦକ- ଏସ୍.ଏନ୍. ସାହୁ, କ୍ଷୀରୋଧ ଓଝା, ପ୍ରଣତୀ ମିଶ୍ର, ଚାରୁଲତା ଦାସ, ପିତବାସ ପଣ୍ଡା, ପି.କେ. ଦାସ, ବୈଭବ ଜେନା, ଶିବାଜୀ କଂଅର, ଯୁଗ୍ମ ସଂପାଦକ- ବି.ସି. ପାଣିଗ୍ରାହୀ, ଭୁବନ ବିହାରୀ ସାହୁ, ଏସ୍. କେ. ଜେନା, ଏନ୍.ସି. ପହି, ମୁନା ଖାଁ, ଜଗବନ୍ଧୁ ପ୍ରଧାନ, ସୁଜୀତ୍ କୁମାର ସେଠ୍, ବିମଳ ନାୟକ, ବିଶ୍ୱନାଥ ଖୁଂଟିଆ, ଘନ ସବର, ଯୁଗ୍ମ ସଂପାଦକ - ଯବାମଣୀ ଟୁଡୁ, ବୀଣାପାଣି ସାମଲ, ଶ୍ରୀଧର ଚୌଧୁରୀ, ସୁକୁମାର ଦେଓ, ପ୍ରକାଶ ଚନ୍ଦ୍ର ପହି, ଅକ୍ଷୟ ସ୍ୱାଇଁ, ସୁରେଶ ବେହେରା, ବିପ୍ଳବ ଚୌଧୁରୀ, ମୁକ୍ତାର ଖାଁ ପ୍ରମୁଖ ସମେତ କାର୍ଯ୍ୟକାରୀ କମିଟି ୩୬ ଜଣ ଓ ସ୍ଥାୟୀ ସଦସ୍ୟ ଭାବରେ ୨୮ ଜଣ ନିର୍ବାଚିତ ହୋଇଛନ୍ତି।

## ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଜେଏସଡ଼ବ୍ଲୁ କାର୍ଯ୍ୟାଳୟ ପରିସରରେ ଅତ୍ୟାଧୁନିକ ବାୟୋକମ୍ପୋଷ୍ଟ ମେସିନ ସ୍ଥାପନ




ପାରାଦୀପ,(ପି.ଏନ): ପାରାଦୀପସ୍ଥିତ ଜେଏସଡ଼ବ୍ଲୁ କାର୍ଯ୍ୟାଳୟ ପରିସରରେ ଏକ ଅତ୍ୟାଧୁନିକ ବାୟୋ କମ୍ପୋଷ୍ଟ ମେସିନ୍ ସ୍ଥାପନ କରାଯାଇଛି। ଏହି ମେସିନ୍ ସ୍ଥାପନ ହେବାପରେ କାର୍ଯ୍ୟାଳୟ ତଥା ଅତିଥି ଭବନରୁ ବାହାରୁଥିବା ସମସ୍ତ ବର୍ଜ୍ୟବସ୍ତୁ ଏଠାରେ ସଂଗ୍ରହ କରାଯିବ। ପନିପରିବା ଚୋପା ଠାରୁ ଆରମ୍ଭ କରି ବଳକା ଖାଦ୍ୟ ପଦାର୍ଥ ପର୍ଯ୍ୟନ୍ତ ଏହି ମେସିନ୍‌ରେ ପ୍ରକ୍ରିୟାକରଣ କରାଯାଇ ୧୫ଦିନ ବ୍ୟବଧାନରେ ଜୈବିକ ଖତ ସାର ପ୍ରୟୋଗ କରାଯାଇ ପାରିବ। ଏହା ପରୋକ୍ଷରେ ଏକ ସୁସ୍ଥ ଜୀବନ ଶୈଳୀ ପାଇଁ ସହାୟକ ହେବ। ଏହି ବାୟୋ କମ୍ପୋଷ୍ଟ ମେସିନ୍‌ରେ ଦୈନିକ ପଚଶ କିଲୋଗ୍ରାମରୁ ୧୫ଦିନ ମଧ୍ୟର ୭୫୦ କିଲୋଗ୍ରାମ ଓଜନ ପର୍ଯ୍ୟନ୍ତ ବର୍ଜ୍ୟବସ୍ତୁ ପଡ଼ି ପାରିବ ଏହା ସ୍ୱୟଂ ଚଳିତ ହୋଇଥିଲା ବେଳେ ଏଥିରେ ସ୍ୱଳ୍ପ ବିଦ୍ୟୁତ୍ ଖର୍ଚ୍ଚ ହେବ। ଏହି ମେସିନ୍ ସ୍ଥାପନ ହେବା ପରେ ଜେଏସ୍‌ଡ଼ବ୍ଲୁ କାର୍ଯ୍ୟାଳୟ ପରିସରରେ ମେସିନ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀ ଲେଫଟନାଣ୍ଟ କର୍ଣ୍ଣେଲ ଦାବିନ୍ଦର ସାଙ୍ଗା, କେ.ସି.ଶ୍ରୀବାସ୍ତବ, ବିଭୁପ୍ରଦ ନନ୍ଦ, ରିତେଶ ଗୁପ୍ତା, ଅକ୍ଷୟ ପତି, ପ୍ରସନ୍ନଜିତ ରାଏ, ପ୍ରଶାନ୍ତ ପାଟିଲ, ରାଜକିଶୋର ନାଲା, ସରୋଜିନୀ ଜେନା, ଉଦୟ ସାହୁଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ସୁରକ୍ଷା କର୍ମୀମାନେ ଉପସ୍ଥିତ ଥିଲେ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities



MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray